## ବାତ୍ୟା 'ଦାନା' କ୍ଷୟକ୍ଷତି ସମୀକ୍ଷା କଲେ ବିଧାୟକ

ବାହାନଗା(ଅରୂପ କୁମାର ଦାସ)-ବାହାନଗା ବ୍ଲକର ଗୋପାଳପୁରଠାରେ ଥିବା ବାହାନଗା ତହସିଲ କାର୍ଯ୍ୟାଳୟରେ ସୋର ବିଧାୟକ ମାଧବ ଧଡ଼ା ମଙ୍ଗଳବାର ବାତ୍ୟା କ୍ଷୟକ୍ଷତି ସମୀକ୍ଷା କରିଛନ୍ତି। ବିଧାୟକ ଧଡ଼ା ତହସିଲ ଅଫିସରେ ପହଞ୍ଚି ବାହାନଗା ତହସିଲଦାର ସସ୍ମିତା ମୁର୍ମୁଙ୍କ କାର୍ଯ୍ୟାଳୟରେ ସମୀକ୍ଷା କରିଥିଲେ। ପରେ ବିଧାୟକ ପ୍ରଭାବିତ ବ୍ୟକ୍ତିଙ୍କୁ ତତ୍କାଳୀନ ସହାୟତା ପ୍ରଦାନ କରିବାକୁ ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ବେଳେ ଜିଲା ପରିଷଦ ସଭ୍ୟ ସରପଞ୍ଚ ଉପସ୍ଥିତ ଥିଲେ।

**ବାଲେଶ୍ୱର**

### ସଂକ୍ଷେପରେ

## ଗଞ୍ଜେଇ ବେପାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, ୧୨।୧୧(ବାଞ୍ଛାନିଧି ଦେ)- ବାଲେଶ୍ୱର ବିଚାର ବିଭାଗର ସ୍ୱତନ୍ତ୍ର ଓପିଆଇଡ଼ି କୋର୍ଟ ବିଚାରପତି ବିଶ୍ୱଜିତ୍ ଦାସ ଏକ ଏନଡିପିଏସ୍ ଆକ୍ଟ ମାମଲାର ବିଚାର କରି ମଙ୍ଗଳବାର ଅଭିଯୁକ୍ତ ଗଞ୍ଜେଇ ବେପାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟ ଦୋଷୀଙ୍କୁ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଗତ ୨୦୨୨ ଜୁଲାଇ ୩୦ରେ ନୀଳଗିରି ଅବକାରୀ ରେଞ୍ଜ ପୋଲିସ ବାହାନଗା ବସ୍‌ଷ୍ଟାଣ୍ଡ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ଗଞ୍ଜେଇ ବେପାରୀ ମିନାରୁଲ ଇସଲାମ୍‌ଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨୫ କି.ଗ୍ରା. ଚୋରା ଗଞ୍ଜେଇ ଜବତ କରିଥିଲେ। ଏନେଇ ଅବକାରୀ ମାମଲା (ନଂ.୨୪/୨୨-୨୩) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଉକ୍ତ ସ୍ୱତନ୍ତ୍ର ମାମଲା(ନଂ.୩୯/୧୯୫/୨୦୨୨-୨୩)ରେ ଜଜ୍ ବିଶ୍ୱଜିତ ଦାସ ୭ଜଣ ସାକ୍ଷୀ, ୧୩ଟି ଦସ୍ତାବିଜ ଓ ୩ଟି ମାଟେରିଆଲ ଅବଜେକ୍ଟକୁ ଆଧାର କରି ବେପାରୀ ମିନାରୁଲ ଇସଲାମ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମକଦ୍ଦମାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁଲଳିତ କର ପରିଚାଳନା କରିଥିଲେ।

## ଅଧ୍ୟାପକ, କର୍ମଚାରୀ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

ଖଇରା, ୧୨।୧୧(ଉତ୍କଳବନ୍ଧୁ ପଣ୍ଡା)-ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ବିଧାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲା ସଂଯୋଜକ ଭାବେ ଖଇରା ବ୍ଲକ ଅନ୍ତରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁବାଷ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ରବିବାର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ ସହ ଆଲୋଚନା କରାଯାଇଥିଲା। ୨୦୦୮ ମସିହା ଜୁନ୍ ୧ତାରିଖରୁ ୨୦୧୮ ଜୁନ ମଧ୍ୟରେ ନିଯୁକ୍ତ ହୋଇଥିବା ଉପରୋକ୍ତ ବେସରକାରୀ ବର୍ଗର ଅଧ୍ୟାପକ ଓ କର୍ମଚାରୀମାନଙ୍କ ତରଫରୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସଂଘର ସକ୍ରିୟ ସଭ୍ୟ ସସ୍ମିତା ନାୟକ, ବସନ୍ତ ରାଉତ, ସ୍ନିଗ୍ଧା ମହାନ୍ତି, ସୁଶାନ୍ତ ପଣ୍ଡା, ସୁଶାନ୍ତ ସେଠୀ, ସବିତା ଚୌଧୁରୀ ଓ ମନ୍ମଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣରେ ଅନିୟମିତତା

କାଳିପଦା, ୧୨।୧୧(ରାଜଶ୍ରୀ ପାଣିଗ୍ରାହୀ)-ବସ୍ତା ବ୍ଲକ ଅଧୀନ ନାଇକୁଡ଼ି ପଞ୍ଚାୟତର ବଢ଼ାଣ ଗ୍ରାମର ପାତ୍ର ସାହି ଛକଠାରୁ ପାତ୍ର ସାହିକୁ ହେଉଥିବା କଂକ୍ରିଟ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ନିର୍ମାଣ ପାଇଁ ୨ଲକ୍ଷ ଟଙ୍କା ଆସିଛି। ମେଟାଲିଂ ଯେଉଁ ଅନୁସାରେ ହେବା କଥା ତାହା ଦୁଇ ଇଞ୍ଚ କମ୍ କରୁଛି। ଠିକାଦାର କାମ ପାଖରେ କୌଣସି ଅଧିକାରୀ ରହୁନାହାନ୍ତି କିମ୍ବା କୌଣସି ସୂଚନାଫଳକ ନାହିଁ। ସାହିବାସିନ୍ଦା ନିର୍ମାଣ କାର୍ଯ୍ୟକୁ ବିରୋଧ କରି କାର୍ଯ୍ୟ ବନ୍ଦ କରିଛନ୍ତି। ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବାତ୍ୟାର ୧୯ ଦିନ ବିତିଲା, ରାସ୍ତା ଉପରୁ ହଟୁନି ଗଛ

ଔପଦା, ୧୨।୧୧(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକ ଫତେପୁର ପଞ୍ଚାୟତ ପାଇକପଡା ଗ୍ରାମ ତୁଟାସାହି ମୁଖ୍ୟରାସ୍ତା ଉପରେ ବାତ୍ୟାରେ ଏକ ବିରାଟ ତେନ୍ତୁଳି ଗଛ ଉପୁଡ଼ି ପଡିଥିଲା। ବାତ୍ୟା ଯିବାର ୧୯ ଦିନ ବିତିଯାଇଥିଲେ ମଧ୍ୟ ଗଛ ହଟାଯାଉ ନ ଥିବାରୁ ଗ୍ରାମର ବାସିନ୍ଦା ଯାତାୟାତରେ ସମସ୍ୟା ଭୋଗୁଛନ୍ତି।

ବାତ୍ୟା ପ୍ରଭାବରେ ଔପଦା ଅଞ୍ଚଳର ବିଭିନ୍ନ ସ୍ଥାନରେ ବହୁ ସଂଖ୍ୟାରେ ଛୋଟରୁ ବଡ ଗଛ ମାନ ଉପୁଡିବା ସହ ଭାଙ୍ଗିପଡ଼ିଥିଲା। ସରକାରଙ୍କ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ବାତ୍ୟା ପାଇଁ ଲୋକମାନଙ୍କ ସୁରକ୍ଷା ଯୋଗାଇ ଦେବାକୁ ଘୋଷଣା କରିଥିଲେ। ସ୍ଥାନୀୟ ପ୍ରଶାସନ ବିଭିନ୍ନ ସ୍ଥାନରେ ପଡ଼ିଥିବା ଗଛକୁ ହଟାଇଥିବା ବେଳେ ଏହି ପଞ୍ଚାୟତର ପାଇକପଡ଼ା ଗ୍ରାମରେ ପଡ଼ିଥିବା ତେନ୍ତୁଳି ଗଛକୁ ହଟାଯାଇପାରିନାହିଁ। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ତୁଟାସାହି, ସିଂହ ସାହି, କୁଞ୍ଜବନ ସାହି, ନାଇକ ସାହି ଓ ପାଇକ ସାହିବାସୀ ସମସ୍ୟା ଭୋଗୁଥିବା ବେଳେ ଜରୁରୀକାଳୀନ ସେବା ପାଇଁ ଦମକଳ ଏବଂ ଆମ୍ବୁଲାନ୍ସ ଯାଇପାରିବ ନାହିଁ ବୋଲି ଅଭିଯୋଗ କରିଛନ୍ତି। ବାତ୍ୟା ପରେ ପ୍ରଶାସନ ଗଛ ଉପୁଡିଥିବା ସ୍ଥାନକୁ ଯାଇ ଅନୁଧ୍ୟାନ କରି ଫେରି ଆସିଥିବା ବେଳେ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତୁଷାରକାନ୍ତ ମହଲାଙ୍କୁ ଯୋଗାଯୋଗ କରିବାରୁ ବଡ଼ ତେନ୍ତୁଳି ଗଛ ପାଇଁ ଔପଦାକୁ ଆସିଥିବା ଓଡ୍ରାଫ ଟିମ ଓ ଦମକଳ ବାହିନୀ କାଟିବାରେ ଅକ୍ଷମତା ପ୍ରକାଶ କରିଥିଲେ। ବେସରକାରୀ ଭାବେ କାଟିବା ପାଇଁ ଅଧିକ ଅର୍ଥ ଦାବି କରାଯାଉଥିବାରୁ ଗଛ କଟାଯାଇନାହିଁ ବୋଲି କହିଛନ୍ତି।



ପଡ଼ି ରହିଥିବା ଗଛ । ।

## ସନ୍ତରାଗଡ଼ିଆ ଆରଆଇ ଅଫିସ ଆଗରେ ସିପିଆଇର ବିକ୍ଷୋଭ

ପଞ୍ଚଲିଙ୍ଗେଶ୍ୱର, ୧୨।୧୧(ଲେଲିନ୍ କୁମାର ଦେ)

ନୀଳଗିରି ଉପଖଣ୍ଡ ଔପଦା ବ୍ଲକର ସନ୍ତରାଗଡ଼ିଆ ରାଜସ୍ୱ ନିରୀକ୍ଷକଙ୍କ ଅଫିସ ଆଗରେ ସିପିଆଇ, ନୀଳଗିରି ଅଞ୍ଚଳ କମିଟି ତରଫରୁ ବିକ୍ଷୋଭ କରାଯାଇଛି। ଏହି ବିକ୍ଷୋଭରେ ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା, ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଗ୍ରାମର ସରକାରୀ ଜମିକୁ ଉଦ୍ଧାର କରି ସରକାରୀ କାର୍ଯ୍ୟରେ ବ୍ୟବହାର କରାଯିବା, ରାସ୍ତା କାମ ନାମରେ ଭାଙ୍ଗି ଦିଆଯାଇଥିବା ଦୋକାନୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଆଦି ଦାବି ହୋଇଥିଲା। ଏହି ସମାବେଶ କୈଳାଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦକ ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ ସ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ସମିତିସଭ୍ୟ ଭୋଳାନାଥ ମାଝି, ଜିଲା ସହ ସମ୍ପାଦକ ଅନାମ ପ୍ରସାଦ ବାରିକ, ମାୟାଧର ନାୟକ, କୃଷକନେତା ପ୍ରଭାକର ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଆଇଆଇଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରିଥିବା ବେଳେ ୫ଶହରୁ ଊର୍ଦ୍ଧ୍ୱ ବାତ୍ୟା କ୍ଷତିଗ୍ରସ୍ତ ଚାଷୀ ଲିଖିତ ଆବେଦନ କରିଥିଲେ। ଅତିରିକ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିବା ବେଳେ ବାତ୍ୟାଜନିତ କ୍ଷୟକ୍ଷତିର ତଦନ୍ତ କରାଯିବ ବୋଲି ଅତିରିକ୍ତ ତହସିଲଦାର କହିଥିଲେ।

# ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ ।

### ଜିଲାସ୍ତରୀୟ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ ଶିବିର ଉଦ୍‌ଯାପିତ

ବାଲେଶ୍ୱର, ୧୨।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଧୀନ ଗୋପାଳପୁର ମହାବିଦ୍ୟାଳୟରେ ଆୟୋଜିତ ଜିଲାସ୍ତରୀୟ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ପ୍ରଯୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରାଧ୍ୟାପକ ନିହାର ରଞ୍ଜନ କର ଅଧ୍ୟକ୍ଷତା କରିଥିଲେ। ପ୍ରୋଗ୍ରାମ ଅଫିସର ଡ. କଲ୍ୟାଣୀ ଦାଶ ଅତିଥି ପରିଚୟ ଓ ଶିବିର ସଂଯୋଜକ ଅମଲ କୁମାର ରାଉଳ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଚାନ୍ଦିପୁର ପିଏକ୍ସଇର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ଡ. କମଳାକାନ୍ତ ଚାନ୍ଦ ଯୋଗଦେଇ ସ୍ୱେଚ୍ଛାସେବୀମାନେ ରାଷ୍ଟ୍ର ନିର୍ମାଣ ଓ ସମାଜସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା କବି ଡ. କାଳିପଦ ପଣ୍ଡା, ସମ୍ମାନିତ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ଡ. ଜୟନ୍ତ କୁମାର ଦ୍ୱିବେଦୀ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଓ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଥିଲେ। ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ଓ ପ୍ରଶିକ୍ଷକ ଡ. ନିରଦ ବରଣ ଖୁଣ୍ଟିଆ ଏହି ଶିବିର ପରିଦର୍ଶନ କରିଥିଲେ। ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଶ୍ରେଷ୍ଠ ପ୍ରୋଗ୍ରାମ ଅଫିସରଙ୍କୁ ସମ୍ମାନିତ କରାଯାଇଥିଲା।

## ଗୋରୁ ବେପାରୀଙ୍କଠାରୁ ଲାଞ୍ଚ ନେବା ଭିଡିଓ ଭାଇରାଲ

ନୀଳଗିରି, ୧୨।୧୧(ପ୍ରଶାନ୍ତ ବିଶ୍ୱାଳ)-ଗୋଚାଲାଣ ବେଳେ ଯୁବକଙ୍କୁ ୨ହଜାର ଟଙ୍କା ଲାଞ୍ଚ ମାଗିବା ବେଳର କଥାବାର୍ତ୍ତା ଓ ଫୋନ ପେ'ରେ ଟଙ୍କା ନେବାର ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହେବା ପରେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏଭଳି ଘଟଣା ଘଟିଛି ନୀଳଗିରି ବ୍ଲକ ବରମପୁର ଥାନାରେ ଅଞ୍ଚଳରେ। ବରହମ୍‌ପୁର ଥାନାରେ କାର୍ଯ୍ୟରତ ଜଣେ ହାବିଲଦାର ଏକ ଗୋରୁଗାଡ଼ିକୁ ଅଟକାଇ ଯୁବକଙ୍କୁ ଟଙ୍କା ମାଗିଥିଲେ। କମିଟମେଣ୍ଟ ଅନୁସାରେ ଟଙ୍କା ପଠାଇବାକୁ କହି ଫୋନ ନମ୍ବର ଦେଇଥିଲେ। ଯୁବକ ଜଣକ ୧୦୦୦ ଦେଉଛି ପରେ ୧୫୦୦ ଦେବ ବୋଲି କହିବାରୁ ହାବିଲଦାର ଜଣକ ଧମକାଇ ସବୁ ଗାଡ଼ି ଥାନାରେ ପୂରାଇବି ବୋଲି କହିଥିଲେ। ମୁଁ ହେଉଛି କ୍ରାଇମ ହାବିଲଦାର କମେଣ୍ଟମେଣ୍ଟରେ ଡିଲା ହେଲେ ପୂରା ଭିତରକୁ ପୂରାଇବି କହି ଧମକ ଦେଇଥିଲେ। ଯାହା ଏବେ ଭାଇରାଲ ହେବାରେ ଲାଗିଛି। ବାଲେଶ୍ୱର ଏସ୍‌ପି ଉକ୍ତ ଘଟଣାକୁ ଗୁରୁତ୍ୱ ଦେବା ସହ ସମ୍ପୃକ୍ତ ହାବିଲଦାରଙ୍କୁ ମଙ୍ଗଳବାର ଅଫିସକୁ ଡକାଇ ତଦନ୍ତ କରିଛନ୍ତି।

## ଆମ୍ବବନ୍ଧ ପରିଦର୍ଶନକଲେ ସହକାରୀ ଯନ୍ତ୍ରୀ

ଖଇରା, ୧୨।୧୧(ଉତ୍କଳବନ୍ଧୁ ପଣ୍ଡା)

### ମରାମତି ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଲେ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୧୫ ରାଜସ୍ୱ ଗ୍ରାମକୁ ଜଳସେଚିତ କରିବାକୁ ଅସୁରିଆ ଗ୍ରାମ ନିକଟରେ ୩୦ବର୍ଷ ତଳେ ନିର୍ମିତ ଆମ୍ବବନ୍ଧ ଏବେ ଜରାଜୀର୍ଣ୍ଣ ହୋଇପଡିଥିବାରୁ ଚାଷୀମାନେ ବିଶେଷ ଭାବେ ଉପକୃତ ହୋଇପାରୁନାହାନ୍ତି। ଚାଷୀମାନଙ୍କ ବାରମ୍ବାର ଦାବି ପରେ ମଙ୍ଗଳବାର ବାଲେଶ୍ୱର ଜଳସେଚନ ଡିଭିଜନ ଅଧୀନ ସୋର ସେକ୍ସନର ସହକାରୀ ଯନ୍ତ୍ରୀ ଆମ୍ବବନ୍ଧ ପରିଦର୍ଶନ କରିବା ସହ ମରାମତି ନେଇ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି ।

ଅସୁରିଆ ଗ୍ରାମର ଚାଷୀ ଅବ୍ୟକ୍ତ ନାରାୟଣ ପରିଡା, ଯଦୁନାଥ ସାମଲ ଓ ନନ୍ଦୁର ଗ୍ରାମର ଚାଷୀ ଗୌତମ ନାୟକଙ୍କ ସମେତ ଅନ୍ୟ ଚାଷୀ ଉପସ୍ଥିତ ରହି ବନ୍ଧରେ ଫାଟ ଯୋଗୁ ପ୍ରତି ବର୍ଷାଋତୁରେ ଚାଷୀମାନେ ଭୋଗୁଥିବା ଦୁର୍ଦ୍ଦଶା ଉପରେ ଅବଗତ କରାଇଥିଲେ। ଏହି ଅବସରରେ ବନ୍ଧ ଦେଇ ଉଦ୍‌ବୃତ୍ତ ଜଳରାଶି ନିଷ୍କାସନ ପାଇଁ ଗେଟ ଲଗାଇବା ଉପରେ ଚାଷୀମାନେ ଜୋର୍ ଦେଇଥିଲେ। ଏହାପୂର୍ବରୁ ବନ୍ଧ ମରାମତି ପାଇଁ ସରପଞ୍ଚ ଜୟନ୍ତୀ ପତି ବିଭାଗକୁ ଚିଠି ମଧ୍ୟ କରିଥିଲେ। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ମୁଖ୍ୟଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସେ ବନ୍ଧ ବୁଲି ଦେଖିଥିଲେ ଏବଂ ମୁଖ୍ୟଯନ୍ତ୍ରୀଙ୍କୁ ଚାଷୀଙ୍କ ଦାବି ବିଷୟରେ ଜଣାଇସାରିଛନ୍ତି। ସେ ଏ ବିଷୟରେ ଚୂଡାନ୍ତ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।



ସହକାରୀ ଯନ୍ତ୍ରୀ ବନ୍ଧ ପରିଦର୍ଶନ ସହ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ବିଦ୍ୟାଳୟରେ ଭୋଜନାଳୟ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଅତିଥିଗଣ ।

ବାଲେଶ୍ୱର, ୧୨।୧୧(ବାଞ୍ଛାନିଧି ଦେ)-ବାଲେଶ୍ୱର ଟାଉନ ଥାନା ଅଧୀନ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଧୁନିକୀକରଣ ହୋଇଥିବା ଭୋଜନାଳୟ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ରିତିକ ଜି, ସ୍ତ୍ରୀ ତଥା କାଉନସିଲର ମିତା ପଟ୍ଟନାୟକ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁମତି ମଣ୍ଡଳ, ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ସ୍ୱାଇଁ, ମନୋରଞ୍ଜନ ମିଶ୍ର ଓ ଦେବାଶିଷ ଦାଶ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ସାମାଜିକ କର୍ମୀ ତଥା ପୁରାତନ ଛାତ୍ର ରିତିକ୍ ଜୀ ତାଙ୍କ ମା' ସ୍ୱର୍ଗତ ନିହାରିକା ପରିଡ଼ାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ବିଦ୍ୟାଳୟକୁ ମୋ ସ୍କୁଲ ଅଭିଯାନରେ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ତତ୍କାଳୀନ ବିଜେଡି ସରକାରଙ୍କ ସମୟରେ ଯୋଜନା ମୁତାବକ ତାହା ୩ଲକ୍ଷ ଟଙ୍କା ଅନୁଦାନ ରାଶି ହୋଇ ବିଦ୍ୟାଳୟର ଉନ୍ନତି ପାଇଁ ଆସିଥିଲା। ଏହି ଅର୍ଥରେ ବିଦ୍ୟାଳୟରେ ଭୋଜନାଳୟ ନିର୍ମାଣ କରାଯାଇଥିଲା। ଆବଶ୍ୟକତା ମୁତାବକ ରିତିକ୍ ଜୀ ପୁଣି ୫୦ହଜାର ଟଙ୍କା ପ୍ରଦାନ କରି ଭୋଜନାଳୟର ଆଧୁନିକୀକରଣ କରାଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଏବଂ ପରିଚାଳନା କମିଟି ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ରିତିକ ଜୀଙ୍କ ଏହି ମହାନତାକୁ ଅଭିଭାବକ ମହଲରେ ପ୍ରଶଂସା କରାଯାଇଛି।

## ଗାଡ଼ି ଶୋ'ରୁମ୍‌ରେ ବୁଲିଲା ବନ୍ଧୁକ, ଛୁରି ଏକତରଫା ପ୍ରେମ

ଉଦଳା, ୧୨।୧୧(ସନ୍ତୋଷ କୁମାର ବାଛିନୀ)-ଏକତରଫା ପ୍ରେମକୁ ନେଇ ଉଦଳା ଅଞ୍ଚଳରେ ଥିବା ଏକ ଗାଡ଼ି ଶୋ'ରୁମ୍‌ରେ ତୁମୁଳକାଣ୍ଡ ଘଟିଛି। ଯୁବତୀଙ୍କ ଭାଇ ପ୍ରେମ ନିବେଦନ କରୁଥିବା ଯୁବକଙ୍କୁ ମାଡ଼ ମାରିବା ସହ ବନ୍ଧୁକ ଓ ଛୁରି ଦେଖାଇ ଭୟଭୀତ କରିଥିବା ଅଭିଯୋଗ ହୋଇଛି। ଉଦଳା ପୋଲିସ ସେନା ବାହିନୀରେ କାର୍ଯ୍ୟ କରୁଥିବା ଯୁବତୀଙ୍କ ଭାଇଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଉକ୍ତ ଶୋ' ରୁମ୍‌ରେ କାମ କରୁଥିବା ଜଣେ ଯୁବତୀଙ୍କୁ ତାଙ୍କ ସହକର୍ମୀ ଯୁବକ ବାରମ୍ବାର ପ୍ରେମ ନିବେଦନ କରି ଆସୁଥିଲେ। ଅନେକ ସମୟରେ ଯୁବତୀଙ୍କୁ ହଇରାଣ ମଧ୍ୟ କରୁଥିଲେ। ଏହାକୁ ଯୁବତୀଜଣକ ବିରୋଧ କରି ଆସୁଥିଲେ। ମଙ୍ଗଳବାର ଯୁବତୀଜଣକ ଶୋ'ରୁମରେ ପହଞ୍ଚିବା ପରେ ସହକର୍ମୀ ଜଣକ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ଘଟଣା ସମ୍ପର୍କରେ ଯୁବତୀ ଜଣକ ତାଙ୍କ ଭାଇଙ୍କୁ ଜଣାଇଥିଲେ। ଯୁବତୀଙ୍କ ଭାଇ ଶୋ' ରୁମରେ ପହଞ୍ଚି ପ୍ରେମ ନିବେଦନ କରୁଥିବା ଯୁବକଙ୍କୁ ମାଡ଼ ମାରିବା ସହ ଛୁରି ଦେଖାଇଥିଲେ। ପାଖରେ ରଖିଥିବା ଏକ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିଲେ। ଖବରପାଇ ଉଦଳା ପୋଲିସ ପହଞ୍ଚି ଯୁବତୀଙ୍କ ଭାଇଙ୍କୁ ଆଣି ଥାନାରେ ଅଟକ ରଖିଛି। ତେବେ ସହକର୍ମୀ ଜଣକ ଉକ୍ତ ଯୁବତୀଙ୍କୁ ବାରମ୍ବାର ହଇରାଣ କରୁଥିବା ସମ୍ପର୍କରେ ଶୋ'ରୁମ୍ ମାଲିକ ଜାଣିଥିଲେ ନା ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଦୁର୍ଘଟଣାରେ ୨ ଜୀବନ ଗଲା

### ଶ୍ୱଶୁରଙ୍କ ଶୁଦ୍ଧିକ୍ରିୟା କାମ ବୁଝିବାକୁ ଯାଉଥିବା ବେଳେ ଜ୍ୱାଇଁ ମୃତ

ବାରିପଦା, ୧୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)/କୁଳିଅଣା(ଆଦିକନ୍ଦ ସାହୁ/ ଗୋପୀନାଥ ବେହେରା)

ମୟୂରଭଞ୍ଜ ଜିଲା କୁଳିଅଣା ଓ ଶୁଳିଆପଦା ଥାନା ଅଞ୍ଚଳରେ ପୃଥକ୍ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ୧୮ ନଂ. ଜାତୀୟ ରାଜପଥର କୁଳିଅଣା ଥାନା ଅଧୀନ କୁଚେଇ ନିକଟରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦୁଆ ଥାନା ନଧବଣୀ ଗ୍ରାମର ଗଜେନ୍ଦ୍ର ନାୟକଙ୍କ ପୁଅ ସଞ୍ଜୟ। ୪ଦିନ ତଳେ ସଞ୍ଜୟଙ୍କ ଶ୍ୱଶୁରଙ୍କ ମୃତ୍ୟୁ ହୋଇଥିଲା। ଶୁଦ୍ଧିକ୍ରିୟା କାର୍ଯ୍ୟ ବୁଝାଶୁଝା ପାଇଁ ସଞ୍ଜୟ ତାଙ୍କ ଶ୍ୱଶୁରଙ୍କ ଘରକୁ ଯିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। କୁଳିଅଣା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ସେହିପରି ସୋମବାର ରାତିରେ ଶୁଳିଆପଦା ଥାନା ଦେଉଳି ନିକଟ କ୍ଷେତ୍ରପାଟଣା ନିକଟରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ସାହି ଥାନା ଅଧୀନ ବୀରେଶ୍ୱରପୁର ପଞ୍ଚାୟତ ଦାନ୍ତୁଣି ଗ୍ରାମର ବାଇଧର ସିଂଙ୍କ ପୁଅ ଶମ୍ଭୁନାଥ। ବାଇକ୍ ସହ ତାଙ୍କ ମୃତଦେହକୁ ପୋଲିସ ବିଲ ଭିତରୁ ଜବତକରି ତଦନ୍ତ ଚଳାଇଛି।

## ଶ୍ରୀଜଗନ୍ନାଥ, ଶିରିଡ଼ି ସାଇଙ୍କ ମନ୍ଦିର ପ୍ରତିଷ୍ଠା

ବୈଶିଙ୍ଗା, ୧୨।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅନ୍ତର୍ଗତ ରାଘବପୁର ପଞ୍ଚାୟତ ଅଧୀନ ଭୈରଙ୍ଗୀ ଗ୍ରାମରେ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ସହିତ ଶିରିଡି ସାଇଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ବୁଧବାର ଏହା ଉଦ୍‌ଯାପିତ ହେବ ବୋଲି ମନ୍ଦିର କମିଟି ସୂଚନା ଦେଇଛି। ସୋମବାର ସକାଳେ ଗ୍ରାମ ପୁଷ୍କରିଣୀରୁ ଘଟୋତ୍ତଳନ କରାଯାଇ ୧୦୮ କଳସ ଶୋଭାଯାତ୍ରାରେ ମନ୍ଦିର ପ୍ରାଙ୍ଗଣସ୍ଥିତ ଯଜ୍ଞସ୍ଥଳକୁ ଅଣା ଯାଇଥିଲା। ବହୁ ସଂଖ୍ୟାରେ ମହିଳା ଓ ପୁରୁଷମାନେ କଳସ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଘଟ ସ୍ଥାପନ ପରେ ଅଙ୍କୁରାରୋପଣ ଓ ଅଧିବାସ କରାଯାଇଥିଲା। ସନ୍ଧ୍ୟାରେ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇ ଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ସୂର୍ଯ୍ୟପୂଜା, ଯଜ୍ଞାରମ୍ଭ, ନାମଯଜ୍ଞ, ବିଗ୍ରହ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୁଧବାର ଯଜ୍ଞ ପୂର୍ଣ୍ଣାହୁତି, ନାମ ବିଶ୍ରାମ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା କମିଟି ସୂଚନା ଦେଇଛି।

# ପୀଡ଼ିତାଙ୍କ ପରିବାରକୁ ଭେଟିଲେ 'ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍'

ନୀଳଗିରି, ୧୨।୧୧(ପ୍ରଶାନ୍ତ ବିଶ୍ୱାଳ)

ମହିଳାଙ୍କ ବେକରେ କଟୁରି ଲଗାଇ ବଳାତ୍କାର ଘଟଣାରେ ସୋମବାର ବିଜୁ ଜନତା ଦଳର ଏକ 'ଫ୍ୟାକ୍ଟ ଫାଇଣ୍ଡି ଟିମ୍' ନୀଳଗିରିରେ ବଳାତ୍କାର ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାଜ୍ୟ ବିଜେଡ଼ି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ 'ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍' କଣ୍ଡାବଣିଆ ଯାଇ ପୀଡ଼ିତାଙ୍କ ପରିବାରକୁ ଭେଟିଥିଲେ। ଏହି ଟିମ୍‌ରେ ରାଜ୍ୟ ମହିଳା ବିଜେଡ଼ି କାର୍ଯ୍ୟକାରିଣୀ ସଭାନେତ୍ରୀ ତଥା ବସ୍ତା ବିଧାୟିକା ସୁବାସିନୀ ଜେନା, ଜଗତସିଂହପୁରର ପୂର୍ବତନ ରାଜ୍ୟସଭା ଏମ୍‌ପି ରାଜଶ୍ରୀ ମଲ୍ଲିକ, ଯାଜପୁରର ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟ ବିଜେଡ଼ି ମହିଳା ଉପସଭାନେତ୍ରୀ ସୁନୀତି ସିଂଙ୍କ ସମେତ ବାଲେଶ୍ୱର ଜିଲା ବିଜେଡ଼ି ମହିଳା ସଭାନେତ୍ରୀ ବିନ୍ଦୁବାଳା ନନ୍ଦୀ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ଉର୍ମିଳତା ଦାସ, ବାଲେଶ୍ୱର ନଗର ସଭାନେତ୍ରୀ ମୀନା ମହାନ୍ତି, ରାଜ୍ୟ ମହିଳା ଯୁବ ବିଜେଡ଼ି ସମ୍ପାଦିକା ଜୟନ୍ତୀ ଦତ୍ତ ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ଉକ୍ତ ଟିମ୍ ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦଙ୍କୁ ଭେଟି ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହ ତାଙ୍କ ପରିବାରକୁ ସୁରକ୍ଷା ଓ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଅପରପକ୍ଷରେ ପୀଡ଼ିତାଙ୍କ କକାଶ୍ୱଶୁରଙ୍କୁ ପୋଲିସ ଛାଡ଼ି ଦେଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଜିଲା ବିଜେଡ଼ି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ତାପସ ପରିଡ଼ା, ଗତିକୃଷ୍ଣ ନନ୍ଦ, ଗଙ୍ଗାଧର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୭ ତାରିଖ ରାତିରେ ସ୍ୱାମୀ ନ ଥିବାର ସୁଯୋଗ ନେଇ କଣ୍ଡାବଣିଆ ଅଞ୍ଚଳର ଜଣେ ଯୁବକ ପୀଡ଼ିତାଙ୍କ ଘରେ ପଶି ବେକରେ କଟୁରି ଲଗାଇ ବଳାତ୍କାର କରିଥିଲେ।



ପୀଡ଼ିତାଙ୍କୁ ଭେଟିଥିବା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍।

## ଉପଖଣ୍ଡସ୍ତରୀୟ କୃଷି ମହୋତ୍ସବ

କରଞ୍ଜିଆ, ୧୨।୧୧(କବିତା ମହାନ୍ତ): କରଞ୍ଜିଆସ୍ଥିତ କୃଷି ଜିଲା କାର୍ଯ୍ୟାଳୟ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ମେଳଣ ପଡ଼ିଆଠାରେ ୩ ଦିନିଆ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳା ଆୟୋଜିତ ହୋଇଛି। ଉପଜିଲାପାଳ ପ୍ରେମାଂଶୁ ଚାନ୍ଦଙ୍କ ତତ୍ତ୍ୱାବଧାନରେ ଜିଲାମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେଉରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ, ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ବିଧାୟକ ପଦ୍ମଚରଣ ହାଇବ୍ରୁ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଜିଲା କୃଷି ଯନ୍ତ୍ରପାତିର କାର୍ଯ୍ୟନିର୍ବାହୀ ଇଂ. ଶ୍ରୀନିବାସ ପୃଷ୍ଟି, କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ ଡା. ଦୀପକ ମହାନ୍ତି ଯୋଗଦେଇ ଉପସ୍ଥିତ କୃଷକ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଆଧୁନିକ ଯନ୍ତ୍ରପାତି ବିନିଯୋଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କୃଷି ଅଧିକାରୀମାନେ କୃଷକମାନଙ୍କ ସହିତ ବିଭିନ୍ନ ସମସ୍ୟା, ସଫଳତା ଉପରେ ଆଲୋଚନା କରିଥିଲେ।

## ହିନ୍ଦୀ ବିଭାଗର ଆଲୋଚନା ଚକ୍ର

ବାରିପଦା, ୧୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ବାରିପଦା ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ହିନ୍ଦୀ ବିଭାଗ ପକ୍ଷରୁ 'ଅନମେଲ ବିବାହ କୀ ଜୀବନ ଦାସ୍ତାନ - 'ନିର୍ମଳା' " ଶୀର୍ଷକ ଏକଦିବସୀୟ ଆଲୋଚନା ଚକ୍ର ଅଧ୍ୟକ୍ଷା ଡ. ସାଗରିକା ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୀ ବିଭାଗର ଅଧ୍ୟାପିକା ସ୍ନିଗ୍ଧାଞ୍ଜଳି ଦାସ ଅତିଥିଙ୍କୁ ସ୍ୱାଗତ କରିବା ସହ ଶୀର୍ଷକ ବିଷୟବସ୍ତୁର ସୂଚନା ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ସୁନୀତା ପ୍ରଧାନ ସମ୍ମାନିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରାଚୀନ ବିବାହ ଏବଂ ସାମ୍ପ୍ରତିକ ବିବାହ ବିଧି ପରମ୍ପରାର ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରିଥିଲେ । ବାରିପଦା ଶ୍ରୀମା ମହିଳା ମହାବିଦ୍ୟାଳୟରୁ ଐଶ୍ୱର୍ଯ୍ୟା ବଡ଼ପଣ୍ଡା ବିଷୟ ବିଶାରଦ ଭାବେ ଯୋଗଦାନ ପୂର୍ବକ 'ଅନମେଲ ବିବାହ କୀ ଜୀବନ ଦାସ୍ତାନ' ଉପନ୍ୟାସର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତା ତଥା ହିନ୍ଦୀ ବିଭାଗର ଛାତ୍ରୀଗଣ ଉପସ୍ଥିତିଥିଲେ। ହିନ୍ଦୀ ବିଭାଗର ଅଧ୍ୟାପିକା ସ୍ୱପ୍ନା ମହାନ୍ତି ଧନ୍ୟବାଦ ଦେଇଥିଲେ।

# ତଦନ୍ତ ଦାବିରେ ତଳକାଁପଡ଼ାବାସୀଙ୍କ ଧାରଣା

## ବ୍ଲକ ଅଧ୍ୟକ୍ଷାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ଭଦ୍ରକ,୧୨।୧୧(ସନାତନ ରାଉତ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ କରି ତଳକାଁପଡ଼ା ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ଗ୍ରାମର ଶୁକଦେବ ମଲିକଙ୍କ ଅଭିଯୋଗ ମୁତାବକ, ଗତ ଜାନୁୟାରୀ ୮ ତାରିଖରେ ସେ ବାଲେଶ୍ୱର ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସମ୍ପର୍କରେ ସମସ୍ତ ପ୍ରମାଣପତ୍ର ତଥ୍ୟ ସହ ଅଭିଯୋଗ କରିଥିଲେ। ଜାନୁୟାରୀ ୧୦ ତାରିଖରେ ବାଲେଶ୍ୱର ଦୁର୍ନୀତି ନିର୍ବାରଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଭଦ୍ରକ ଜିଲାପାଳଙ୍କୁ ଚିଠି ଆସିଥିଲା। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜାନୁୟାରୀ ୧୨ ତାରିଖରେ ଭଦ୍ରକ ଜିଲା ପଞ୍ଚାୟତିରାଜ ବିଭାଗକୁ ତଦନ୍ତ ପାଇଁ ଦିଆଯାଇଥିଲା। ଏହି ତଦନ୍ତରେ ବିଳମ୍ବ ହେବାରୁ ବାରମ୍ବାର ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଅଧ୍ୟକ୍ଷାଙ୍କ ସ୍ୱାମୀ ପ୍ରଫୁଲ୍ଲ ଦାସ ଜଣେ ସୁସ୍ଥ ମଣିଷ ହୋଇଥିବା


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ଗ୍ରାମବାସୀ।

ବେଳେ ମିଛ ପ୍ରମାଣ ପତ୍ର ଦେଇ ଭିନ୍ନକ୍ଷମ ଭତ୍ତା ନେଉଛନ୍ତି। ଗ୍ରାମବାସୀ ଏକ ପୋଖରୀ ଖୋଳିଥିବା ବେଳେ ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀ ଚଞ୍ଚକତା କରି ୮ ଲକ୍ଷ ଟଙ୍କାର ମିଥ୍ୟା ବିଲ୍ କରି ନେଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ନିଜେ ବ୍ଲକ ଅଧ୍ୟକ୍ଷା କାଳିଆ ଯୋଜନାରେ ନିଜକୁ ଭୂମିହୀନ ଦର୍ଶାଇ ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀଙ୍କ ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଶୁକଦେବ ମଲିକ, କାଶୀନାଥ ଦାସ, ବାସୁଦେବ ଦାସ, ସନ୍ତୋଷ ଦାସ, କୁଳମଣି ଦାସ, ରାଧାନାଥ ମଲିକ, ଅଭୟ ମଲିକ, ପ୍ରଦୀପ ଦାସ, ଲମ୍ବୋଦର ଦାସଙ୍କ ସମେତ ତଳକାଁପଡ଼ା ଗ୍ରାମର ବହୁ ସଂଖ୍ୟକ ଲୋକେ ଧାରଣାରେ ବସିଛନ୍ତି।

ପ୍ରକାଶ ଥାଉକି, ଗତ ୪ ତାରିଖରେ ଏହି ଘଟଣାକୁ ନେଇ ତଳକାଁପଡ଼ାବାସୀ ଖବରଦାତା ସମ୍ମିଳନୀରେ ଏହି ଦୁର୍ନୀତି ବିଷୟରେ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି କରିଥିଲେ। ତଦନ୍ତ କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। ଅପରପେକ୍ଷ ଏହି ଅଭିଯୋଗକୁ ଖଣ୍ଡନ କରି ସମସ୍ତ ତଦନ୍ତକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଆଉ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ। କିଛି ନ୍ୟସ୍ତସ୍ୱାର୍ଥ ଲୋକ ରାଜନୈତିକ ଶତ୍ରୁତାରୁ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରିଥିବା ସେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ସେହିପରି ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ଦାସ କହିଛନ୍ତି ୨୦୧୨ଠାରୁ ସେ ଶ୍ରବଣ ବାଧିତ ହୋଇଥିବାରୁ ଡାକ୍ତରଙ୍କ ପ୍ରମାଣପତ୍ର ଅନୁଯାୟୀ ଭତ୍ତା ପାଉଛନ୍ତି। ଏଥିରେ କୌଣସି ଜାଲିଆତି ହୋଇ ନ ଥିବା ସେ କହିଛନ୍ତି। ତେବେ ୭ ଦିନ ଭିତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## କାର୍ତ୍ତିକ ପୂର୍ଣ୍ଣିମା ଆସିଲେ ଖୋଜାପଡ଼େ ସୋଲ ଡଙ୍ଗା


କାରିଗର ନୀହାର ରଞ୍ଜନ ସାମଲ ସୋଲ ଡଙ୍ଗା ତିଆରି କରୁଛନ୍ତି।

ଭଦ୍ରକ,୧୨।୧୧(ସନାତନ ରାଉତ)

କାର୍ତ୍ତିକ ପୂର୍ଣ୍ଣିମା ଆସିଲେ ସୋଲ ଡଙ୍ଗା କଥା ମନେପଡ଼େ। ପୂର୍ଣ୍ଣିମା ଦିନ ଭୋର ସମୟରୁ ନଦୀଘାଟ ଓ ପୋଖରୀରେ ଡଙ୍ଗା ଭସାଇ ଆ କା ମା ବୈ ଗୀତ ଗାଇ ପୂର୍ବର ବୋଇତ ବନ୍ଦାଣ ପ୍ରଥା ପରମ୍ପରାକୁ ମନେ ପକାଇଥାନ୍ତି ଲୋକମାନେ। କାର୍ତ୍ତିକ ପୂର୍ଣ୍ଣିମା ବା ପଞ୍ଚକ ଆଉ ୨ ଦିନ ବାକି ଥିବା ବେଳେ କାରିଗରମାନେ ଡଙ୍ଗା ତିଆରି ଚଳାଇଥିବା ବେଳେ ବଜାରରେ ବିକ୍ରି ଆରମ୍ଭ ହେଲାଣି। ଭଦ୍ରକ ପୌରାଞ୍ଚଳ ଅଧୀନ ପାଟଣାସାହି ଓ ବନ୍ତ ବ୍ଲକ୍ ସରମରାରେ କେତେକ ପରିବାର ସୋଲ ଓ ଅନ୍ୟାନ୍ୟ ସାମଗ୍ରୀରେ ବିଭିନ୍ନ ପ୍ରକାର ରଙ୍ଗ ବେରଙ୍ଗର ଡଙ୍ଗା ଓ ବୋଇତ ତିଆରି କରିଥାନ୍ତି। ପଞ୍ଚୁକ ପୂର୍ଣ୍ଣିମା ସମୟରେ ଏହି ଡଙ୍ଗା ବିକ୍ରି କରି ଭଲ ଦି ପଇସା ରୋଜଗାର କରନ୍ତି। ପିଲାଛୁଆ ମିଶି ସପରିବାର ମାସେ ପୂର୍ବରୁ ସୋଲ ସଂଗ୍ରହ କରିବା, ତାକୁ ଶୁଖାଇବା, ରଙ୍ଗ କରିବା ଆଦି କାମରେ ଲାଗିଥାନ୍ତି। ସୋଲର ଅଭାବ ଥିବା ବେଳେ ଏବେ ପ୍ଲାଷ୍ଟିକ୍‌ରେ ତିଆରି ଡଙ୍ଗାକୁ ଲୋକ ଅଧିକ ପସନ୍ଦ କରୁଛନ୍ତି। ତଥାପି ପୂର୍ଣ୍ଣିମା ପାଇଁ ୩ ରୁ ୪ ହଜାର ଟଙ୍କାର ଡଙ୍ଗା ବିକ୍ରି ହୋଇଥାଏ ବୋଲି ସରମରା ଗ୍ରାମର ସୋଲ କାରିଗର ନିହାର ରଞ୍ଜନ ସାମଲ କହିଛନ୍ତି। ଏହାକୁ କୂଳବେଉସା କରି ବିଭିନ୍ନ ସମୟରେ ସୋଲରେ ଫୁଲମାଳ ତିଆରି କରିବା ସହ ବିବାହ, ବ୍ରତଘରରେ ଦିଆଯାଏ। ଏବେ ସୋଲର ଅଭାବ ଥିବାରୁ ବେଶୀ ପରିମାଣରେ ଡଙ୍ଗା ତିଆରି କରିବା କଷ୍ଟକର ହେଉଛି। ଦୂରଦୂରାନ୍ତରରୁ ସୋଲ ସଂଗ୍ରହ କରି ଡଙ୍ଗା ତିଆରି କରି ବିକ୍ରି କରୁଥିବାରୁ ବିଶେଷ ଲାଭ ମିଳୁନାହିଁ ବୋଲି ଗୌତମ ରଣା କହିଛନ୍ତି।

## ସଂକ୍ଷେପରେ

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

ଭଣ୍ଡାରିପୋଖରୀ,୧୨।୧୧(ରାଜେନ୍ଦ୍ର ଶତପଥି)

ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ କୁଲଣା–ବିଶୋଳ ମୈତ୍ରୀ ଶ୍ରୀ ରାମଦୟା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ୨୫ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ରଜତ ଜୟନ୍ତୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ବାର୍ଷିକ ପାରାୟଣକୁ ଅବସରପ୍ରାପ୍ତ ଅବକାରୀ ଅଧୀକ୍ଷକ ରତିକାନ୍ତ ପଣ୍ଡା ସଞ୍ଚାଳନା କରିଥିଲେ। କର୍ତ୍ତା ମହେଶ୍ୱର ଲେଙ୍କା ଜଳଘଟ ସ୍ଥାପନ କରି ସଙ୍କଳ୍ପ କରିଥିଲେ। ପଣ୍ଡିତ ରବିନାରାୟଣ ଦାସଜୀ ମହାରାଜ ବ୍ୟାସ, ପଣ୍ଡିତ ରବୀନ୍ଦ୍ର କୁମାର ପଣ୍ଡା ଓ ନାରାୟଣ ଦାଶ ପୁରୋହିତ ଦାୟିତ୍ୱ ତୁଲାଇଥିଲେ। ବିଶ୍ୱଜିତ ନାୟକ, ଶ୍ୟାମସୁନ୍ଦର ଗୋଚ୍ଛି, ଡଃ. ପ୍ରଫୁଲ୍ଲ ମିଶ୍ର, ବାବାଜୀ ହିମାଂଶୁ ମହାରାଜ ଓ କମଳ ଲୋଚନ ଦାସଜୀ ମହାରାଜ ବିଭିନ୍ନ ସନ୍ଧ୍ୟାରେ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ପୁରୀ ପାପୁଡିଆ ମଠ ମହନ୍ତ ମଣ୍ଡଳାଧିଶ ରାମକୃଷ୍ଣ ଦାସ ଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସନ୍ଥ ସମ୍ମିଳନୀରେ ସନ୍ଥ ବିଶ୍ୱମ୍ବର ମହାରାଜ, ପୂର୍ଣ୍ଣଚନ୍ଦ୍ର ମହାରାଜ, କରୁଣାକର ଦାସ ଜୀ ମହାରାଜ ଆଶ୍ରୀବଚନ ପ୍ରଦାନ କରିଥିଲେ ଓ ସେମାନଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂକୀର୍ତ୍ତନ, ପୂର୍ଣ୍ଣାହୂତି ଓ ବ୍ୟାସ ପୂଜନ ସହ ପାରାୟଣ ଉଦ୍‌ଯାପିତ ହୋଇଥିଲା।

### ଇଲେକ୍ଟ୍ରି ସବ୍‌ଷ୍ଟେଶନ ପରିଦର୍ଶନ କଲେ ଛାତ୍ରୀଛାତ୍ର

ଭଦ୍ରକ,୧୨।୧୧(ସନାତନ ରାଉତ): ଭଦ୍ରକ ବ୍ଲକ୍ ସାହାଡ଼ା ପଞ୍ଚାୟତର ଉପେନ୍ଦ୍ର ନାଥ ବିଦ୍ୟାପୀଠର ଛାତ୍ରୀଛାତ୍ର ମାନେ ଏନର୍ଜି କ୍ଲବ୍ ପକ୍ଷରୁ ଇଚ୍ଛାପୁରସ୍ଥିତ କୁଣ୍ଡିବାଗ ୩୩/୧୧ ଇଲେକ୍ଟ୍ରି ସବ୍‌ଷ୍ଟେଶନ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ କରି ପିଲାମାନେ ବିଦ୍ୟୁତ୍ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିବାକୁ ପାଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏନର୍ଜି କ୍ଲବ୍ ଇନ୍‌ଚାର୍ଜ ନିରଞ୍ଜନ ବାରିକ୍, କୁଣ୍ଡିବାଗ ଜେଇ ବିଶ୍ୱରଞ୍ଜନ ଓଝା ବିଦ୍ୟୁତ୍ ବିଷୟରେ ପିଲାଙ୍କୁ ବିଭିନ୍ନ ତଥ୍ୟ ବୁଝାଇଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ସ୍ୱାସ୍ଥ୍ୟ ସେବା ଶିବିର

ବନ୍ତ,୧୨।୧୧(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ସେଣ୍ଡତୀରା ପଞ୍ଚାୟତ ବାଲିଗଡିଆ ଗ୍ରାମର ଧର୍ମପରାୟଣା ମହିଳା ସ୍ୱର୍ଗତା ସାବିତ୍ରୀ ଧଳଙ୍କ ୮ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ସାମାଜିକକର୍ମୀ ହିମାଂଶୁ ଶେଖର ଧଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଡାକ୍ତର ନିରଞ୍ଜନ ଜେନା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ବାଲିଗଡିଆ, ତାଳପଦା, କୁମ୍ଭରିଆ, ଡାଳିମ୍ବଗଡିଆ ଆଦି ଗ୍ରାମରୁ ୩୫ରୁ ଊର୍ଦ୍ଧ୍ୱ ରୋଗୀ ଉପସ୍ଥିତ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମସ୍ତଙ୍କୁ ଔଷଧ ବଣ୍ଟନ କରାଯାଇଥିଲା । ଶିବିର ପରିଚାଳନାରେ ସାଗରିକା ବିଶ୍ୱାଳ, ଶବ୍ୟସାଚୀ ବିଶ୍ୱାଳ, ସୁଲଗ୍ନା ଧଳ ସହଯୋଗ କରିଥିଲେ ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ


ହିନ୍ଦୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରା।

ଭଦ୍ରକ,୧୨।୧୧(ସନାତନ ରାଉତ)

## ହିନ୍ଦୁମାନଙ୍କ ସୁରକ୍ଷା ଦାବି

ଭଦ୍ରକ ଜିଲାରେ ବିଭିନ୍ନ ସ୍ଥାନରେ ହିନ୍ଦୁଙ୍କ ଉପରେ ଆକ୍ରମଣ କରାଯାଉଛି। ହିନ୍ଦୁଙ୍କ ସୁରକ୍ଷା ଦାବିରେ ହିନ୍ଦୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ମଙ୍ଗଳବାର ଶୋଭାଯାତ୍ରା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଭଦ୍ରକ ସହରର ଗାନ୍ଧୀପଡ଼ିଆଠାରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ଭାରତ ବିକାଶ ପରିଷଦ, ଆର୍ଯ୍ୟ ସମାଜ, ବଜରଙ୍ଗ ଦଳ, ଏବିଭିପି, ଭାରତୀୟ ମଜଦୁର ସଂଘ, ଧର୍ମରକ୍ଷା ସମିତି, ହିନ୍ଦୁ ଜାଗରଣ ମଞ୍ଚ, ଦୁର୍ଗାବାହିନୀ ପକ୍ଷରୁ ପ୍ଲା କାର୍ଡ଼ ଧରି ଗୋ ହତ୍ୟା ବନ୍ଦ କର, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଅ ଆଦି ବିଭିନ୍ନ ନାରାବାଜି ଦେଇ ସହର ପରିକ୍ରମା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଶଶାଙ୍କ ସାମଲଙ୍କ ସଂଚାଳନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ରବିନାରାୟଣ ପଣ୍ଡା, ସୁବ୍ରତ ନାୟକ, ଏବିଭିପିର ସ୍ୱାଧୀନ ସୁନ୍ଦର ଦାସ, ଜ୍ୟୋତିପ୍ରକାଶ ସାହୁ, ବିଶ୍ୱ ହିନ୍ଦୁ ପରିଷଦର ପ୍ରସନ୍ନ ଷଡ଼ଙ୍ଗୀ, ବସନ୍ତ ରାଉତ, ବଜରଙ୍ଗ ଦଳର ବିପିନ ପଣ୍ଡା, ତପନ ମହାନ୍ତି, ଭାରତୀୟ ମଜଦୁର ସଂଘର ମନୋଜ ବସନ୍ତ ରାୟ, ଧର୍ମରକ୍ଷା ସମିତିର ମାନସ ମହାନ୍ତି, ବିଭୁଚନ୍ଦନ ଜେନା, ହିନ୍ଦୁ ଜାଗରଣ ମଞ୍ଚର ମନୋଜ ନାୟକ, ଦୁର୍ଗାବାହିନୀର ସିପ୍ରା ରାଉତ, ମଧୁସ୍ମିତା ସ୍ୱାଇଁ, ରଶ୍ମିରଞ୍ଜନ ସାହୁ, ପତଞ୍ଜଳି କରଶର୍ମା, ବସନ୍ତ ବିଶ୍ୱାଳ, ଶ୍ରୀରାମ ମହାଯଜ୍ଞ ସମିତିର ସରଥ ପଡ଼ିଆରୀ, ନିରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇ ହିନ୍ଦୁମାନେ ଏକତ୍ରିତ ହେବାର ସମୟ ଆସିଛି ବୋଲି ଆହ୍ୱାନ ଦେଇଥିଲେ।

## ଚେକ୍ ବାଉନ୍ସ ମାମଲାରେ ଯୁବକଙ୍କୁ ୩ ମାସ ଜେଲ

ଭଦ୍ରକ,୧୨।୧୧(ସନାତନ ରାଉତ)

ଚେକ୍ ବାଉନ୍ସ ମାମଲାରେ ଜଣେ ଯୁବକଙ୍କୁ ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟ ୩ ମାସ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ କ୍ଷତିପୂରଣ ବାବଦକୁ ୯୫ ହଜାର ଟଙ୍କା ପ୍ରଦାନ କରିବାକୁ ଆଦେଶ ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ଭଦ୍ରକ ଟାଉନ ଥାନା ଅଧୀନ ଭବେଶ ଦାସ ବିଶାଣିଖରିଦା ଗ୍ରାମର ସୁରେଶ ପଣ୍ଡାଙ୍କଠାରୁ ୨୦୧୯ ଅଗଷ୍ଟରେ ୭୦ ହଜାର ଟଙ୍କା ଧାରସୂତ୍ରରେ ଆଣିଥିଲେ। ୬ ମାସ ଭିତରେ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ଧାର୍ଯ୍ୟ ସମୟରେ ଫେରାଇ ନ ଥିଲେ। ଭବେଶ ବାରମ୍ବାର ଟଙ୍କା ମାଗିବାରୁ ତାଙ୍କୁ ଏକ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଚେକ୍ ପ୍ରଦାନ କରିଥିଲେ। ଚେକ୍‌କୁ ଷ୍ଟେଟ୍ ବ୍ୟାଙ୍କରେ ଡିପୋଜିଟ୍ କରିବା ପରେ ବ୍ୟାଙ୍କ ପକ୍ଷରୁ ସୁରେଶ ଷ୍ଟପ୍ ପେମେଣ୍ଟ କରିଥିବା କହିଥିଲେ। ପରେ ସୁରେଶଙ୍କୁ ୧୫ ଦିନ ମଧ୍ୟରେ ଟଙ୍କା ଫେରାଇବାକୁ ଏକ ଡିମାଣ୍ଡ ନୋଟିସ୍ ଦିଆଯାଇଥିଲା। ସେହି ନୋଟିସ୍‌କୁ ଖାତିର୍ ନ କରିବାରୁ ଭବେଶ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲା (ନଂ.୧ ସି ସି– ୧୩୪/୨୦୨୦)ରୁଜୁ କରିଥିଲେ। ଏକ ହୋଣ୍ଡାସିଟି କାର୍ ବିକ୍ରି ବାବଦରେ ଭବେଶଙ୍କ ଉପରେ ୯୭ ହଜାର ଟଙ୍କା ବକେୟା ରହିଥିବା ସୁରେଶ ଏକ ଏଗ୍ରିମେଣ୍ଟ କୋର୍ଟରେ ଦର୍ଶାଇଥିଲେ। ଏହି ଏଗ୍ରିମେଣ୍ଟ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଏସ୍‌ଡିଜେଏମ୍ କୋର୍ଟ ଚେକ୍ ବାଉନ୍ସ ମାମଲାରେ ସୁରେଶଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

## ଶ୍ରୀମଦ୍ ଭାଗବତ ପାରାୟଣ, ପ୍ରବଚନ

ଭଦ୍ରକ,୧୨।୧୧(ରବିନାରାୟଣ ଖିଲାର)

କାର୍ତ୍ତିକ ବ୍ରତ ଅବସରରେ ଭଦ୍ରକ ଶ୍ରୀ ଲୋକନାଥ ମନ୍ଦିର ଚିନ୍ତା ଚେତନା ଆଧ୍ୟାତ୍ମିକ ପରିଷଦ ଆନୁକୂଲ୍ୟରେ ଶ୍ରୀମଦ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ. ପ୍ରଫୁଲ୍ଲ କୁମାର ମିଶ୍ର ଓ ପଣ୍ଡିତ ମାନସ କୁମାର ପଣ୍ଡାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ପୁରୁଷୋତ୍ତମ ଗୁପ୍ତା ଓ ମଞ୍ଜୁ ଗୁପ୍ତାଙ୍କ ଦ୍ୱାରା ଘଟ ସ୍ଥାପନ ଓ ପଣ୍ଡିତ ହରିହର ଶୁକ୍ଳଙ୍କ ଦ୍ୱାରା ଭାଗବତ ପାରାୟଣ ଯଥାରୀତିରେ ଚାଲୁଛି। କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ କୁମାର ପତି, ଅଜୟ କୁମାର ପାଣି, ସଞ୍ଜୟ କୁମାର ପାଢୀ ଓ ତ୍ରିନାଥ କରଙ୍କ ସହାୟତା କରୁଛନ୍ତି। ଚିନ୍ତା ଚେତନା ଆଧ୍ୟାତ୍ମିକ ପରିଷଦର ସଭାପତି ହରମୋହନ କୁଅଁର, ଉପସଭାପତି ବ୍ରଜ କିଶୋର ଦାସ ଓ ବୈଲୋଚନ ବେହୁରିଆ, ପ୍ରତିଷ୍ଠାତା ସମ୍ପାଦକ ରାମ ନାରାୟଣ ପାଣିଗ୍ରାହୀଙ୍କ ସମେତ ସଭ୍ୟ ଅଜିତ କୁମାର ନାୟକ, ରାମ ନାରାୟଣ ମହାନ୍ତି, କରୁଣାକର ଉପାଧ୍ୟାୟ, ମୁକ୍ତିକାନ୍ତ ମହାପାତ୍ର, ଯୁଧିଷ୍ଠିର ବାରିକ, କୈଳାସ ଚନ୍ଦ୍ର ନାୟକ, ଦୟାନିଧି ରାଉତ, ପ୍ରଫୁଲ୍ଲ କୁମାର ମଲ୍ଲିକ, ମଦନ ମୋହନ ନାୟକ, ଅରୁଣ କୁମାର ମିଶ୍ର, ଆଦିତ୍ୟ କୁମାର ନାୟକ, ଗଙ୍ଗାଧର ଦାସ, ମମତା ରାଉତ, ହେମଲତା ମଲ୍ଲିକ, ସ୍ନେହଲତା ବେହେରା, ସୁଦର୍ଶନ ସାହୁ, ଦୁର୍ଗାକାନ୍ତ ପାଢୀ ପ୍ରମୁଖ ସଭ୍ୟମାନେ ସହଯୋଗ କରୁଛନ୍ତି।

## ସମିତି ପରିସର ସଫେଇ କଲେ କର୍ମଚାରୀ


କର୍ମଚାରୀମାନେ ସଫେଇ କରୁଛନ୍ତି ।

ବନ୍ତ,୧୨।୧୧(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧିନ ନିଳୋକସ୍ଥିତ ପଧାନପଡା ସେବା ସମବାୟ ସମିତି ପରିସରକୁ କର୍ମଚାରୀମାନେ ସଫେଇ କରିଥିବା ଦେଖାଯାଇଛି । ସମିତି ପରିସର ତଥା ଚତୁପାର୍ଶ୍ୱରେ ବିଭିନ୍ନ ଅନାବନା ଘାସ ଓ ଲତା ପରିପୂର୍ଣ୍ଣ ହେବା ସହ ଅପରିସ୍କାର ହୋଇପଡିଥିଲା। ସମ୍ପାଦକ ନାରାୟଣ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଏହି ସଫେଇ କାର୍ଯ୍ୟ କରାଯାଇଥିଲା। ସମିତି ପରିସରକୁ ସ୍ୱଚ୍ଛ ରଖିବା ନେଇ ଏହି ସଫେଇ କରାଯାଇଥିବା ସମ୍ପାଦକ ସାହୁ କହିଛନ୍ତି । ଏହି କାର୍ଯ୍ୟରେ ସହସମ୍ପାଦକ ସେକ୍ ଗୋଲାମ, ଡିଇଓ ଅନିଲ କୁମାର ପାତ୍ର, କର୍ମଚାରୀ ଭୁପତି କୁମାର ସ୍ୱାଇଁ ସହଯୋଗ କରିଥିଲେ ।

## ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଜୟନ୍ତୀ ପ୍ରସ୍ତୁତି

ଭଦ୍ରକ,୧୨।୧୧(ସନାତନ ରାଉତ)

ନିଖିଳ ଉତ୍କଳ ମାଧ୍ୟମିକ ଶିକ୍ଷକ ସଂଘ (ଓଲଷ୍ଟା) ଜିଲା ସମ୍ପାଦକ ଉପେନ୍ଦ୍ର କୁମାର ବିଶ୍ୱାଳଙ୍କ ଆବାହକତ୍ୱରେ ଭଦ୍ରକ ଚାରିଘରିଆସ୍ଥିତ ସଂଘ କାର୍ଯ୍ୟାଳୟରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ରାଜ୍ୟସ୍ତରୀୟ ୧୨୦ ତମ ଜନ୍ମ ଜୟନ୍ତୀ ପାଳନ ପାଇଁ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନକୁଳ ଚରଣ ବାରିକଙ୍କ ସଭାପତିତ୍ୱରେ ପୂର୍ବତନ ରାଜ୍ୟ ସଭାପତି ଭାଗୀରଥି ନାୟକ, ଅଲେଖ ଚନ୍ଦ୍ର ନାୟକ, ରୋହିତ କୁମାର ଜେନା, ବର୍ତ୍ତମାନର ରାଜ୍ୟ ନେତୃତ୍ୱ ଅଶୋକ ରାଉତ, ପ୍ରଣୟ ସିଂହ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୧୮ ତାରିଖରେ ଜିଲା ସଂଘ କାର୍ଯ୍ୟାଳୟରେ ଜୟନ୍ତୀ ପାଳନ ପାଇଁ ଆଲୋଚନା କରିଥିଲେ। ବୈଠକରେ ସମସ୍ତ ବ୍ଲକ୍‌ର ସଭାପତି, ସମ୍ପାଦକ ଓ ସଦସ୍ୟା, ସଦସ୍ୟମାନେ ଉପସ୍ଥିତ ଥିଲେ। ଶିକ୍ଷକ ଗୟାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ


ସମ୍ମାନିତ ଶିକ୍ଷକମାନେ।

ଚାନ୍ଦବାଲି,୧୨।୧୧(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଦୋସିଙ୍ଗା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ବାଲିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତ୍ରିଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଗତ ୮ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜଙ୍କ ତତ୍ତ୍ୱାବଧାନ ଓ ସିଆର୍‌ସିସି ରଣଜିତ୍ ଜେନା, ପ୍ରଧାନଶିକ୍ଷକ ଉପେନ୍ଦ୍ର ନାୟକଙ୍କ ସହଯୋଗରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୫୦ ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବରିଷ୍ଠ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ଜେନା, ବୀର ନାରାୟଣ ଦାସ, କାମାକ୍ଷା ପ୍ରସାଦ ପାତ୍ର, ଯୁବ ପ୍ରଶିକ୍ଷକ ରଣଜିତ୍ ଜେନା, ଶିକ୍ଷକ ନେତୃତ୍ୱ, ବିକାଶାତ୍ମକ ମନୋବୃତ୍ତି, ସାମାଜିକ, ଆବେଗିକ, ନୈତିକ ଶିକ୍ଷା, ବର୍ଣ୍ଣାଳୀ, ସାଇବର୍ ସୁରକ୍ଷା ଆଦି ୧୨ ଟି ମଡ୍ୟୁଲ୍ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ନିର୍ମଳା ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମମତା ବାଗ୍, ରବିନାରାୟଣ ଦାସ, ହୃଷିକେଶ ମହାରଣା, ଅଞ୍ଜୁ ହାଲଦାର, ଉତ୍ତମ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## କୃଷି ଉତ୍ପାଦକ ସଙ୍ଗଠନର ବାର୍ଷିକ ବୈଠକ

ବନ୍ତ,୧୨।୧୧(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଇନୋସେଟିଭ୍ ମିଶନ କୃଷକ ଉତ୍ପାଦକ ସଙ୍ଗଠନର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସରପଞ୍ଚ ରଜନୀ ସେଠୀ, ଶିକ୍ଷାବିତ୍ ବାବାଜି ଚରଣ ଦଲେଇ, ସନାତନ ନାୟକ, କୃଷକ ଉତ୍ପାଦକ ସଙ୍ଗଠନର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ବୈରୀଗଞ୍ଜନ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଉଦଘାଟନ କରିଥିଲେ । ଏଥିରେ ନାବାର୍ଡର ଜିଲା ଉନ୍ନୟନ ଅଧିକାରୀ ଦୀପକ କୁମାର ସାହୁ, ସି.ଡି.ଏ.ଆର ଭୁବନେଶ୍ୱରର ଅଶୋକ କୁମାର ରଥ ଯୋଗଦେଇ ଉତ୍ପାଦକ ସଙ୍ଗଠନ ଦ୍ୱାରା ମାଛ ଏବଂ ଅନ୍ୟାନ୍ୟ କୃଷିଜାତ ସାମଗ୍ରୀର କିପରି ସଫଳ ବିକ୍ରି ବଟା କରାଯାଇ ଆୟକୁ ଦ୍ୱିଗୁଣିତ କରାଯାଇ ପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସୁଧିର କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବୁଦ୍ଧିରାମ ଜେନା, ସୁଶାନ୍ତ ଜେନା, ବନମାଳୀ ବାରିକ, ଭାସ୍କର ସାହୁ, ବର୍ଷା ପ୍ରିୟଦର୍ଶିନୀ ମହାନ୍ତି, ବିଷୟା ଜେନା ସହଯୋଗ କରିଥିଲେ ।

# ବନ୍ଦ ରହିଲା ଜବରଦଖଲ ଉଚ୍ଛେଦ

## ଜବରଦଖଲକାରୀ-ପ୍ରଶାସନ ବିବାଦ

ବାସୁଦେବପୁର,୧୨।୧୧
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଆର୍ଡ୍ଡୁଂ ପଞ୍ଚାୟତ ବାରାପୁର ସଂଲଗ୍ନ ବଜାର ଅଞ୍ଚଳରେ ସରକାରୀ ଜମିରେ ଦୋକାନ କରି ଆସୁଥିବା କେତେକ ବ୍ୟବସାୟୀଙ୍କ ଦୋକାନ ଉଚ୍ଛେଦ କରିବାକୁ ପୂର୍ବ ଧାର୍ଯ୍ୟ ସମୟ ଅନୁସାରେ ମଙ୍ଗଳବାର ପୂର୍ବାହ୍ନରେ ପ୍ରଶାସନ ଓ ପୋଲିସ ସେଠାରେ ପହଞ୍ଚିଥିଲେ। ପରେ ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀମାନେ ବିରୋଧ କରିବାରୁ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରହିଛି। ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାର ସୌଭାଗ୍ୟ ପଣ୍ଡାଙ୍କ ସମେତ ପୋଲିସ ସେଠାରେ ଜେସିବି ନେଇ ଦୋକାନ ଭାଙ୍ଗିବାକୁ ପହଞ୍ଚିଥିଲେ। ଉଚ୍ଛେଦକୁ ବିରୋଧ କରି ଉତ୍ତେଜନା ସୃଷ୍ଟି ହେବାରୁ ଦୋକାନ ଭଙ୍ଗା କାର୍ଯ୍ୟ ହୋଇପାରି ନ ଥିଲା। ଦୋକାନ ଉଚ୍ଛେଦ ପରେ ଏହି ସ୍ଥାନରେ ଆର୍‌ଏମ୍‌ସି ଦୋକାନ ଗୃହ ନିର୍ମାଣ କରିବାର ଯୋଜନା ଥିବା ବେଳେ ଉକ୍ତ ଅଞ୍ଚଳରେ ଥିବା ଦୋକାନ ଗୃହକୁ ଉଚ୍ଛେଦ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଆନ୍ଦୋଳନକାରୀଙ୍କ ସହ ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ ମଧ ସେଠାରେ ପହଞ୍ଚି ଆଉ କିଛି ଦିନ ପାଇଁ ଉକ୍ତ ଉଚ୍ଛେଦ


ପୋଲିସ ଛାଉଣୀରେ ବାରାପୁର ବଜାର।

ପ୍ରକ୍ରିୟା ବନ୍ଦ ରଖିବାକୁ ପ୍ରଶାସନକୁ କହିଥିଲେ। ପୂର୍ବାହ୍ନଠାରୁ ଅପରାହ୍ନ ପର୍ଯ୍ୟନ୍ତ ସେଠାରେ ଉତ୍ତେଜନା ଲାଗି ରହିଥିଲା। ଆଇଆଇସି ଲୋପାମୁଦ୍ରା ନାୟକଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ସେଠାରେ ଉପସ୍ଥିତ ଥିବା ବେଳେ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରାଯାଇଥିଲା। ଉଚ୍ଛେଦ ପାଇଁ ସ୍ଥାନୀୟ ବ୍ୟବସାୟୀ ସମୟ ମାଗିଥିବା ବେଳେ ପ୍ରଶାସନ ଓ ବ୍ୟବସାୟୀ ତଥା ସରପଞ୍ଚଙ୍କ ସହମତିରେ ଆଉ ଗୋଟିଏ ଦିନ ସମୟ ଦିଆଯାଇଛି। ଗୋଟିଏ ଦିନ ମଧ୍ୟରେ ବ୍ୟବସାୟୀମାନେ ତାଙ୍କର ସାମଗ୍ରୀ ନିଜ ଉଦ୍ୟମରେ ଘରକୁ ନେଇଯିବା ପରେ ଉଚ୍ଛେଦ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ କରାଯିବ ବୋଲି ତହସିଲଦାର ପଣ୍ଡା କହିଛନ୍ତି।

# ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଡାକ୍ତର ଅଭାବ

ଚମ୍ପୁଆ,୧୨।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଦିନକୁ ଦିନ ସମସ୍ୟା ବଢ଼ିବାର ଲାଗିଛି। ଡାକ୍ତର ଅଭାବ କାରଣରୁ ଅନେକ ସମୟରେ ରୋଗୀ ସେବାରେ ବ୍ୟାଘାତ ହେଉଛି। ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ବେସରକାରୀ ଡାକ୍ତରଖାନା ମୁହାଁ ହେଉଛନ୍ତି। ବର୍ତ୍ତମାନ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଡାକ୍ତର ନ ଥିବାରୁ ଗର୍ଭବତୀ ଓ ପ୍ରସୂତି ହଇରାଣ ହେଉଛନ୍ତି। ଡାକ୍ତର ଅଭାବ ସମସ୍ୟା ଦୂର କରାଯାଉ ନ ଥିବାରୁ ଉକ୍ତ ରେଫରାଲ ଉପଖଣ୍ଡ ଚିକିତ୍ସାଳୟରୁ ମଧ୍ୟ ରୋଗୀ ରେଫର ହେଉଥିବାରୁ ଅସନ୍ତୋଷ ବଢ଼ୁଛି।

ପ୍ରକାଶ ଯେ, ୧୯୧୦ରେ ନିର୍ମିତ ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘ ଦିନ ଧରି ନିୟମିତ ଡାକ୍ତର ନାହାନ୍ତି। ଜିଲା ଖଣିର ପାଣ୍ଠିରୁ ୨ ଜଣ ଡାକ୍ତର ନିଯୁକ୍ତ ହୋଇଥିଲେ। ମାତ୍ର କିଛି ମାସ ହେବ ଜଣେ ଆସୁ ନ ଥିବା ବେଳେ ଅନ୍ୟ ଜଣେ ଅସୁସ୍ଥତା ପାଇଁ ଛୁଟିରେ ରହୁଛନ୍ତି। ଫଳରେ ନର୍ସଙ୍କ ଦ୍ୱାରା ପ୍ରସବ କାର୍ଯ୍ୟ କରାଯାଉଛି। ଡାକ୍ତରଖାନାରେ ଉପସ୍ଥିତ ଡାକ୍ତରଙ୍କୁ ପାଳିକରି ଉକ୍ତ ସ୍ତ୍ରୀ ଓ ପ୍ରସୂତି ବିଭାଗର ଦାୟିତ୍ୱ ପ୍ରଦାନ କରାଯାଉଛି। ଅନ୍ୟପକ୍ଷରେ ସ୍ତ୍ରୀ, ପ୍ରସୂତି ବିଭାଗର ବହିର୍ବିଭାଗରେ ପ୍ରତ୍ୟେକ ଦିନ ୪୦ ରୁ ୫୦ ରୋଗୀ ଆସୁଥିବା ବେଳେ ପ୍ରସୂତିଜନିତ କାରଣ ପାଇଁ ୨୦ ରୁ ୩୦ ରୋଗୀ ଆସୁଛନ୍ତି। ଡାକ୍ତର ଅଭାବ ଯୋଗୁ ରୋଗୀମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଭାଗୀୟ ଡାକ୍ତର ନ ଥିବାରୁ ଅସ୍ତ୍ରୋପଚାର ଆବଶ୍ୟକ ପଡୁଥିବା ପ୍ରସୂତିଙ୍କୁ ତୁରନ୍ତ ଜିଲା ଚିକିତ୍ସାଳୟକୁ ରେଫର କରାଯାଉଛି। ଅନେକ ସମୟରେ ଏହି ରେଫରାଲ ମେଡିକାଲକୁ ତୁରନ୍ତ ସେବା ପ୍ରଦାନ ପାଇଁ ଗୁରୁତର ପ୍ରସୂତିଙ୍କୁ ବାସୁଦେବପୁର, ଯୋଡ଼ା, ବଡ଼ବିଲ, ଝୁମ୍ପୁରା, ଚମ୍ପୁଆ ଏପରିକି ମୟୂରଭଞ୍ଜ ସମେତ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟରୁ ଅଣାଯାଉଥିଲେ ହେଁ ଏହି ମେଡିକାଲରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଦେଇ କେନ୍ଦୁଝର ରେଫର କରାଯାଉଛି। କିଛି ଦିନ ତଳେ ୨ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଡେପୁଟେଶନରେ ଏଠାକୁ ଆସୁଥିଲେ। ମାତ୍ର ତାହା ଏବେ ବନ୍ଦ ହୋଇଯାଇଛି। ଡାକ୍ତର ଅଭାବ କାରଣରୁ ବିଶେଷ ଭାବରେ ପ୍ରସୂତି ମା'ମାନେ ଏହି ମେଡିକାଲ ଉପରୁ ଭରସା ଛାଡ଼ିଦେଇ ତୁରନ୍ତ ସେବା ପାଇଁ ବେସରକାରୀ ଚିକିତ୍ସା ଉପରେ ନିର୍ଭର କରୁଛନ୍ତି। ଏ ନେଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ପରିଡ଼ା କହିଛନ୍ତି, ଏହି ସମସ୍ୟା ଆମ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟିଛି। ଉପସ୍ଥିତ ଡାକ୍ତରଙ୍କୁ ପାଳିକରି ଏହି ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଉଛି। ମାତ୍ର ବିଭାଗୀୟ ଡାକ୍ତର ଅଭାବରୁ ଜରୁରିକାଳୀନ ସେବା ପାଇଁ ରୋଗୀଙ୍କୁ ଜିଲା ଚିକିତ୍ସାଳୟକୁ ପଠାଇବାକୁ ପଡୁଛି। ତୁରନ୍ତ ଜିଲା ଅଧିକାରୀଙ୍କ ସହ ଆଲୋଚନା କରାଯାଇ ଏହି ବିଭାଗ ପାଇଁ ଡାକ୍ତର ପ୍ରଦାନ କରିବାକୁ ଅନୁରୋଧ କରାଯିବ ବୋଲି ସେ କହିଥିଲେ।



**ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ**

- ରେଫରାଲ ରୋଗୀଙ୍କୁ ରେଫର କରାଯାଉଛି
- ଖର୍ଚ୍ଚାନ୍ତ ହୋଇ ବେସରକାରୀ ମେଡିକାଲ ଯାଉଛନ୍ତି

## ଚମ୍ପୁଆ ରେଞ୍ଜରେ ୨୮ ଟିକିଆ ହାତୀପଲ

କେନ୍ଦୁଝର/ ଚମ୍ପୁଆ,୧୨।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ/ ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜରେ ଏକ ୨୮ ଟିକିଆ ହାତୀପଲ ଉତ୍ପାତ କରୁଛି। ହାତୀପଲ ମୟୂରଭଞ୍ଜ ଜିଲାରୁ ପାଟଣା ରେଞ୍ଜ ଦେଇ ଆସି ପଦ୍ମପୁର ନିକଟରେ ବୈତରଣୀ ପାର ହୋଇଥିଲେ। ପରେ ଚମ୍ପୁଆ ରେଞ୍ଜ ଜ୍ୟୋତିପୁର ବିଟ୍‌କୁ ପ୍ରବେଶ କରିଛନ୍ତି। ହାତୀପଲ ଆସିବା ବାଟରେ ବ୍ୟାପକ ଧାନ ଫସଲ ମାଡ଼ି ଦଳି ନଷ୍ଟ କରିଥିଲେ। ବର୍ତ୍ତମାନ ଝାଲିଆବେଡ଼ା ଗାଁ ନିକଟରେ ଏହି ହାତୀପଲ ଘୁରି ବୁଲୁଛନ୍ତି। ବ୍ୟାପକ ଧାନ ଚାଷ ନଷ୍ଟ ଆଶଙ୍କାରେ ସ୍ଥାନୀୟ ଚାଷୀ ଚିନ୍ତାରେ ଥିବା ବେଳେ ଗାଁ ନିକଟରେ ହାତୀପଲ ବୁଲୁଥିବାରୁ ଜ୍ୟୋତିପୁର, ପଦ୍ମପୁର, ଝାଲିଆବେଡା, ବର୍ଦ୍ଧନା ଓ ପାରୁଡ଼ିପଶି ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଛନ୍ତି। ଖବରପାଇ ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।



### ଫସଲ ନଷ୍ଟକୁ ନେଇ ବନ କର୍ମଚାରୀଙ୍କୁ ଘେରିଲେ

ପାଟଣା ରେଞ୍ଜରୁ ଚମ୍ପୁଆ ରେଞ୍ଜକୁ ପ୍ରବେଶ କରିଥିବା ୨୮ ଦଳିଆ ହାତୀପଲ ବର୍ତ୍ତମାନ ଜାଲି, ବର୍ଦ୍ଧନା ଓ ରାଉତରାପୁର ଅଞ୍ଚଳରେ ଧାନଚାଷ ଉଜାଡ଼ିବାରେ ଲାଗିଛନ୍ତି। ଫଳରେ ଚାଷୀଙ୍କ ମଧ୍ୟରେ ନିଜ ଚାଷର ସୁରକ୍ଷା ନେଇ ଆଶଙ୍କା ବଢ଼ିଚାଲିଛି। ହାତୀ ଘଉଡ଼ାଇବାରେ ବନବିଭାଗ ବିଫଳ ହୋଇଥିବାରୁ ସୋମବାର ଚାଷୀମାନେ ବନବିଭାଗ ଗାଡ଼ିକୁ ଅଟକାଇ ନିଜର ଅସୋନ୍ତଷ ବ୍ୟକ୍ତ କରିଥିଲେ। ଏ ନେଇ ଫରେଷ୍ଟର ପ୍ରମୋଦ ବେହେରାଙ୍କୁ ପଚାରିବାରୁ କହିଛନ୍ତି, ଆମେ ହାତୀ ଘଉଡ଼ାଇବାକୁ ଚେଷ୍ଟା ଚଳାଇଛୁ।

## ୧୯୪ ବର୍ଗ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ ନିବେଦନ

କେନ୍ଦୁଝର,୧୨।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାରେ ୯୦ ଦଶକରେ ଖୋଲିଥିବା ୧୯୪ ବର୍ଗ ଉଚ୍ଚ ବିଦ୍ୟାଳୟ ଅନ୍ତର୍ଗତ ୨୦ ବିଦ୍ୟାଳୟକୁ ଅନୁଦାନ ଯୋଗାଇ ଦେବାକୁ ଦାବି ହୋଇଛି। ଏ ନେଇ ଶିକ୍ଷୟିତ୍ରୀ, ଶିକ୍ଷକମାନେ କେନ୍ଦୁଝର ମୁଖ୍ୟାଳୟ ମଣ୍ଡୁଆ ଜନଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱତନ୍ତ୍ର ଅଭିଯୋଗ ଅଧିକାରୀ ଶରତ ଚନ୍ଦ୍ର ବାରିକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଦୀର୍ଘ ୨୫ ରୁ ୩୦ ବର୍ଷ ଧରି କାର୍ଯ୍ୟ କରି ବହୁ ବାଧାବିଘ୍ନ, ସାମାଜିକ, ଆର୍ଥିକ ଓ ମାନସିକ ଶୋଷିତ ହୋଇ ଥିବା ବେଳେ ସରକାରୀ ଚାକିରି କରିବା ବୟସ ଏହି ସ୍କୁଲଗୁଡ଼ିକରେ ଗଟେଇ ଦେଇଛନ୍ତି। ବିଗତ ସରକାରଙ୍କ ପାଖରେ ୨୦୧୫ଠାରୁ ଅନୁଦାନ ପାଇଁ ଦାବି କରି ଆସୁଥିଲେ ମଧ୍ୟ ପ୍ରତିଶ୍ରୁତି ଛଡ଼ା କିଛି ମିଳିନି। ଆଉ କିଛି ଦିନ ପରେ କିଛି ଶିକ୍ଷୟିତ୍ରୀ, ଶିକ୍ଷକ ଅବସର ନେବେ। ଏଣୁ ତୁରନ୍ତ ୧୯୪ ବର୍ଗ ଉଚ୍ଚ ବିଦ୍ୟାଳୟ ଅନ୍ତର୍ଗତ କେନ୍ଦୁଝର ଜିଲାର ୨୦ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବାକୁ ଲିଙ୍ଗରାଜ ମହାନ୍ତ, ଜ୍ୟୋତିରଞ୍ଜନ ମହାନ୍ତ, ପଙ୍କଜ ମହାନ୍ତ, ଭକ୍ତ ରଞ୍ଜନ ମହାନ୍ତ, ଗୁଣମଣି ମହାନ୍ତ, ଚନ୍ଦ୍ରମଣି ମହାନ୍ତ, କାଳନ୍ଦି ମହାନ୍ତ, ଦିଲେଶ୍ୱର ମହାନ୍ତ, ସମା ମହାପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି।

**ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ**

## ସୁନ୍ଦରଗଡ଼, କେନ୍ଦୁଝର କ୍ରୀଡ଼ାବିତ୍ ଚମକିଲେ

କେନ୍ଦୁଝର,୧୨।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ, ଓ ଜିଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଦ୍ୱାରା ଆୟୋଜିତ ୬୮ତମ ଓଡ଼ିଶା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତାର ତୃତୀୟ ଦିନରେ ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାର କ୍ରୀଡ଼ାବିତ୍‌ମାନେ ଚମକିଛନ୍ତି। ତୃତୀୟ ଦିବସରେ ୧୭ ବର୍ଷରୁ କମ ବାଳକ ବର୍ଗ ୮୦୦ମି. ଦୌଡ଼ରେ କେନ୍ଦୁଝରର ସଞ୍ଜୟ ହାଁସଦା ପ୍ରଥମ, ସୁନ୍ଦରଗଡ଼ର ରଞ୍ଜିତ କିଶାନ ଦ୍ୱିତୀୟ, ଯାଜପୁରର ବିଶାଳ ଗୁଣ୍ଡୁଆ ତୃତୀୟ, ୧୭ ବର୍ଷରୁ କମ ବାଳିକା ବର୍ଗର ୮୦୦ ମି. ଦୌଡ଼ରେ ସୁବର୍ଣ୍ଣପୁରର ପ୍ରିତିମୟୀ ଭୁକ୍ତା ପ୍ରଥମ, ପୁରୀର ରାଣୀ ପ୍ରଧାନ ଦ୍ୱିତୀୟ, ଜଗତସିଂହପୁରର ଶୁଭଲକ୍ଷ୍ମୀନାଥ ଶର୍ମା ତୃତୀୟ, ୧୭ ବର୍ଷରୁ କମ ବାଳକ ବର୍ଗ ଲମ୍ଫଡିଆଁରେ କେନ୍ଦୁଝରର ରିଣ୍ଟୁ ମୁଣ୍ଡା ପ୍ରଥମ, ଭୁବନେଶ୍ୱରର ଜିତନ ବାଗ ଦ୍ୱିତୀୟ, ଝାରସୁଗୁଡ଼ାର ହେମନ୍ତ ଖଡ଼ିଆ ତୃତୀୟ, ୧୭ ବର୍ଷରୁ କମ ବାଳକ ବର୍ଗ ଉଚ୍ଚ ଡିଆଁରେ ସୁନ୍ଦରଗଡ଼ର ସାଗର ଏକ୍କା ପ୍ରଥମ, ଝାରସୁଗୁଡ଼ାର ହେମନ୍ତ ଖଡ଼ିଆ ଦ୍ୱିତୀୟ, ନବରଙ୍ଗପୁରର ଜୀବନ ପାଙ୍ଗି ତୃତୀୟ, ବାଳିକା ବର୍ଗର ସର୍ଟପୁଟ ଥ୍ରୋରେ ମୟୂରଭଞ୍ଜର ଗୀତାଞ୍ଜଳି ମୁର୍ମୁ ପ୍ରଥମ, ଜଗତସିଂହପୁରର ଅଲୋକିକା ସ୍ୱାଇଁ ଦ୍ୱିତୀୟ, ଯାଜପୁରର ତେଜସିନୀ ଧଳ ତୃତୀୟ, ୧୭ ବର୍ଷରୁ କମ ବାଳକ ବର୍ଗ ହାମର ଥ୍ରୋରେ କଟକର ଦିବ୍ୟଜ୍ୟୋତି ତ୍ରିପାଠୀ ପ୍ରଥମ, ଭୁବନେଶ୍ୱରର ଗୁକୁଲ ହେମ୍ବ୍ରମ ଦ୍ୱିତୀୟ, ବାଳିକା ବର୍ଗର ହାମର ଥ୍ରୋରେ ଯାଜପୁରର ତେଜସିନୀ ଧଳ ପ୍ରଥମ, ଭୁବନେଶ୍ୱରର ସୁଭଦ୍ରା ଜେନା ଦ୍ୱିତୀୟ, ୧୭ ବର୍ଷରୁ କମ ବାଳକ ବର୍ଗ ୧୦୦ମି. ହର୍ଡଲସରେ ଭୁବନେଶ୍ୱରର ମଙ୍ଗଲ ଶିଙ୍କୁ ପ୍ରଥମ, କେନ୍ଦୁଝରର ସୁରେନ୍ଦ୍ର ବଦ୍ରା ଦ୍ୱିତୀୟ, ବାଳିକା ବର୍ଗରେ ଯାଜପୁରର ଦିପ୍ତିମୟୀ ଦାସ ପ୍ରଥମ, ଭୁବନେଶ୍ୱରର ଜିନା ମାଝୀ ଦ୍ୱିତୀୟ, ସୁନ୍ଦରଗଡ଼ର ତନୁଜା ବରାଳ ତୃତୀୟ, ୧୪ ବର୍ଷରୁ କମ ବାଳିକା ବର୍ଗର ଲମ୍ଫ ଡିଆଁରେ ସୁନ୍ଦରଗଡ଼ର ଅନୁଷ୍କା ଲାକ୍ରା ପ୍ରଥମ, ଝାରସୁଗୁଡ଼ାର ଅନୁପମା ମାଝୀ ଦ୍ୱିତୀୟ, ସର୍ଟପୁଟ୍ ଥ୍ରୋରେ ପୁରୀର ବୈଷ୍ଣବୀ ସାହୁ ପ୍ରଥମ, ମୟୂରଭଞ୍ଜର ପାପାଲି ସିଂହ ଦ୍ୱିତୀୟ, ସୁନ୍ଦରଗଡ଼ର ଅନୁଷ୍କା ବିଲୁଙ୍ଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗୀଙ୍କୁ ଶାରୀରିକ ଶିକ୍ଷା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଏନ୍‌ଏସ୍ ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



## ପାଣିଟାଙ୍କି ସୁରକ୍ଷା ପାଚେରି ଫାଟି ଆଁ

ରାମଚନ୍ଦ୍ରପୁର,୧୨।୧୧(ଗଣେଶ୍ୱର ସା): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ଜଳସୁଆଁରେ ଥିବା ବସୁଧା ଯୋଜନାର ଉଚ୍ଚ ପାଣିଟାଙ୍କି ସୁରକ୍ଷା ପାଚେରି ଫାଟି ଆଁ କରିଛି। ମରାମତି କରାଯାଉ ନ ଥିବାରୁ ଗୋରୁ ଓ ଜନସାଧାରଣଙ୍କ ପ୍ରତି ବିପଦ ରହିଛି। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ସୂଚନା ଅନୁଯାୟୀ, ପାଚେରି ମରାମତି ହୋଇ ନ ଥିବାରୁ ପାଚେରି ଫାଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ପାଣିଟାଙ୍କି ପାଚେରି ପାର୍ଶ୍ୱରେ ସରକାରୀ ହୋମଓପାଥିକ ଡାକ୍ତରଖାନା ଗୃହ ରହିଛି। ପାଚେରି ଫାଟି ରହିଥିବାରୁ କୌଣସି ସମୟରେ ଦୁର୍ଘଟଣା ଆଶଙ୍କା କରାଯାଉଛି। ବିପଦପୂର୍ଣ୍ଣ ପାଚେରିକୁ ମରାମତି ପାଇଁ ଗ୍ରାମବାସୀ ଓ ଗ୍ରାମର ବୁଦ୍ଧିଜୀବୀ ଦାବି କରିଛନ୍ତି। ଘଟଣା ବିଷୟରେ ଜଳସୁଆଁ ସରପଞ୍ଚ ପ୍ରଶାନ୍ତି ମାଝୀ କହିଛନ୍ତି , ପାଣିଟାଙ୍କି ନିର୍ମାଣ ଦିନରୁ ତଥା ପ୍ରାୟ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ମରାମତି ହୋଇନାହିଁ। ଆନନ୍ଦପୁର ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଧୀନରେ ପାଣିଟାଙ୍କି ରହିଥିବା ବେଳେ ପଞ୍ଚାୟତ ପକ୍ଷରୁ ତାଙ୍କୁ ଏହି ବିଷୟରେ ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଇଛି। ମାତ୍ର ମରାମତି ପ୍ରତି ଧ୍ୟାନ ଦିଆଯାଉନାହିଁ। ଯଦି ପାଚେରି ଭୁଶୁଡ଼ିଲା ଗୋରୁ ଓ ଧନଜୀବନ ହାନିହେବା ଆଶଙ୍କା ପ୍ରକାଶ ପାଇଛି। ଦୁର୍ଘଟଣା ଘଟିବା ପୂର୍ବରୁ ଏହା ମରାମତି କରାଯାଉ ବୋଲି ପ୍ରକାଶ କରିଛନ୍ତି। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଉପଖଣ୍ଡ ଅଧିକାରୀ ମାନସ ପରିଡ଼ା କହିଛନ୍ତି, ସାମାନ୍ୟ ମରାମତି ଥିଲେ ସରପଞ୍ଚ କରିପାରିବେ। ତଥାପି ଯନ୍ତ୍ରୀଙ୍କୁ ଘଟଣାସ୍ଥଳକୁ ପଠାଇ ତଦନ୍ତ କରି ମରାମତି କରାଇବେ।

**ମୟୂରଭଞ୍ଜ**

# ବ୍ଲକ୍ କାର୍ଯ୍ୟାଳୟ ଘେରିଲେ ମହିଳା



ମହିଳାମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

- ଓଡ଼ିଶା ଜୀବିକା ମିଶନରେ ଅନିୟମିତତା ଅଭିଯୋଗ
- ବିଡିଓଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ବୈଶିଙ୍ଗା,୧୨।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନରେ ହୋଇଥିବା ଅନିୟମିତତାକୁ ନେଇ ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ମଙ୍ଗଳବାର ମହିଳାମାନେ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବ୍ଲକ ପରିସରରେ ପୋଲିସ ମୁତୟନ କରାଯାଇଥିଲା।

ସୂଚନା ଅନୁଯାୟୀ, କିଛିଦିନ ତଳେ ଅଁଳା ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମଗୁଡ଼ିକରେ ବ୍ୟାପକ ଅନିୟମିତତା ହୋଇଥିବା ଦର୍ଶାଇ ମିଶନ ଶକ୍ତିର ସଭାନେତ୍ରୀ, ସମ୍ପାଦିକା, କୋଷାଧ୍ୟକ୍ଷା ଓ ଇସି ସଦସ୍ୟାମାନଙ୍କୁ ବହିଷ୍କାର କରାଯାଇ ସେମାନଙ୍କ ସ୍ଥାନରେ ନୂତନ ସଦସ୍ୟାମାନଙ୍କୁ ମନମୁଖୀ ଭାବରେ ଚୟନ କରାଯାଇଥିବା ଶତାଧିକ ମହିଳା ଅଭିଯୋଗ କରିଛନ୍ତି।

ଏନେଇ ଉଚ୍ଚ ପଦାଧିକାରୀମାନଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିଲେ ହେଁ ବିଭାଗୀୟ ତଦନ୍ତ କିମ୍ବା କୋଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ମହିଳାମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅପରାହ୍ନରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପୀନାଥ ଖାଖା ଆନ୍ଦୋଳନକାରୀଙ୍କ ସହ ଦୁଇଟି ପର୍ଯ୍ୟାୟରେ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସଂକ୍ରାନ୍ତରେ ବିଡିଓ ଖାଖାଙ୍କୁ ପଚାରିବାରୁ ମିଶନ ଶକ୍ତିର ମହିଳାମାନେ ପଦାଧିକାରୀଙ୍କୁ ହଟାଇବା ନେଇ ସରକାରୀ ଗାଇଡ୍ ଲାଇନ ନେବା ଯିଦ୍‌ରେ ଅଡ଼ି ବସିଥିଲେ। ଆସନ୍ତା ୨୦ ତାରିଖ ସୁଦ୍ଧା ଏହାକୁ ପ୍ରସ୍ତୁତ କରି ସେମାନଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା କହିଛନ୍ତି।

## ଗାଁକୁ ଫେରିପାରୁନି ଦାଦନ ଶ୍ରମିକଙ୍କ ମୃତଦେହ

ବାରିପଦା,୧୨।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ପରିବାର ଲୋକେ ଜିଲା ପ୍ରଶାସନର ଦ୍ୱାରସ୍ଥ**

ମୟୂରଭଞ୍ଜ ଜିଲାରେ ଦାଦନ ଯନ୍ତ୍ରଣା କଷ୍ଟଦାୟକ ହୋଇପଡ଼ିଛି। ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିଥିବା ଜଣେ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରି ପାରୁନାହିଁ। ଯାହାକୁ ନେଇ ପରିବାର ଲୋକେ ମର୍ମାହତ ହୋଇ ପଡ଼ିଥିବାବେଳେ ଜନପ୍ରତିନିଧି ମୁହଁ ଫେରାଇ ନେଇଛନ୍ତି। ଏନେଇ ପରିବାର ଲୋକେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

ସୂଚନା ଅନୁଯାୟୀ, ବଡ଼ସାହି ବ୍ଲକ ଅଧୀନ ଛେଳିଆ(ଏ) ଗ୍ରାମର ରବୀନ୍ଦ୍ର ସିଂ ଗ୍ରାମର ଅନ୍ୟ ଲୋକଙ୍କ ସମେତ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିଲେ। ତାମିଲନାଡୁର କାମଚିପୁରମ ଜିଲାର ସିକଳାପାକମ ଅଞ୍ଚଳର ମିତା ଏଜେନ୍ସିରେ ସେ କାର୍ଯ୍ୟ କରୁଥିଲେ। ଗତ ୯ ତାରିଖରେ ତାଙ୍କର କୋଣସି କାରଣ ଯୋଗୁ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକଙ୍କୁ ଖବର ମିଳିଥିଲା। ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ରଖାଯାଇଥିବା ବେଳେ ସେଠାକୁ ଯାଇ ମୃତଦେହ ଆଣିବାକୁ କୁହାଯାଇଥିଲା। ଗରିବ ଶ୍ରେଣୀର ହୋଇଥିବାରୁ ପରିବାର ଲୋକେ ତାମିଲନାଡୁ ଯାଇ ମୃତଦେହ ଆଣିବାକୁ ଅସମର୍ଥ ହୋଇଥିଲେ। ଏନେଇ ସେ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ ସମସ୍ତେ ମୃତଦେହ ଆସିବାର ବ୍ୟବସ୍ଥା କରାଯାଉଛି ବୋଲି କହି କେବଳ ମିଛ ପ୍ରତିଶ୍ରୁତି ଦେଇଥିଲେ। ୩ ଦିନ ବିତିଗଲା ପରେ ମଧ୍ୟ କୌଣସି ବ୍ୟବସ୍ଥା ନ ହେବାରୁ ପରିବାର ଲୋକେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ମଙ୍ଗଳବାର ବାରିପଦାଠାରେ ଜିଲାପାଳ ହେମକାନ୍ତ ସୟଙ୍କୁ ଭେଟି ଗୁହାରି ଜଣାଇଛନ୍ତି। ମୃତଦେହ ଘରକୁ ଆଣିବାର ବ୍ୟବସ୍ଥା କରିବା ପାଇଁ ପରିବାର ଲୋକେ ନିବେଦନ କରିଥିବା ସୂଚନା ମିଳିଛି।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ମୃତ ଦାଦନ ଶ୍ରମିକଙ୍କ ପରିବାର ଲୋକେ।

## ଦୁର୍ଘଟଣାରେ ୨ ଇଞ୍ଜିନିୟରିଂ ଛାତ୍ର ମୃତ

ଠାକୁରମୁଣ୍ଡା,୧୨।୧୧
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କପ୍ତିପଦା ରାସ୍ତାର ନୂଆସାହି ନିକଟରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ୨ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଦ୍ୱୟ ହେଲେ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ପାଟଣା ଥାନା ଅନ୍ତର୍ଗତ ବେଲସରେଇ ଗ୍ରାମର ଚୋଡ଼ଗଙ୍ଗ ଦେବ ମୁଣ୍ଡା ଓ ଗୁଣ୍ଡୁରିପୋଷୀ ଗ୍ରାମର ବିକାଶ ମୁଣ୍ଡା। ଉଭୟେ କରଞ୍ଜିଆ ନିକଟ କଳାକାଦ ଇଞ୍ଜିନିୟରିଂ କଲେଜରେ ପଢୁଥିଲେ।

ସୂଚନା ଅନୁଯାୟୀ, ଅପରାହ୍ନ ୨ଟା ସମୟରେ ଚୋଡ଼ଗଙ୍ଗ ଓ ବିକାଶ ଏକ ବାଇକ୍‌ରେ ନିଜ ଗାଁରୁ ଶରତ ଅଞ୍ଚଳକୁ ଯାଉଥିଲେ। ନୂଆସାହି ନିକଟରେ ସେମାନେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ସୁରକ୍ଷା ଖୁଣ୍ଟରେ ପିଟିହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ଚୋଡ଼ଗଙ୍ଗଙ୍କର ମୃତ୍ୟୁ ଘଟିଥିଲା। ବିକାଶଙ୍କୁ ଗୁରୁତର ଅବସ୍ଥାରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଠାକୁରମୁଣ୍ଡା ପୋଲିସ ମୃତଦେହ ଜବତକରି ତଦନ୍ତ ଜାରି ରଖିଛି।

**ଟ୍ୟୁଶନ ଫି' ଦେଇ ନ ପାରିବାରୁ ୨ ଛାତ୍ରଙ୍କୁ ଟିସି ଦେଇ ବାହାର କରିବା ଘଟଣା**

## ପ୍ରଧାନ ଶିକ୍ଷକ ନିଲମ୍ବିତ

ବାରିପଦା,୧୨।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଟ୍ୟୁଶନ ଫି' ଦେଇ ନ ପାରି ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ୍ ଅଧୀନ ଚନ୍ଦନପୁର ସରକାରୀ ଉପ୍ରା ବିଦ୍ୟାଳୟରୁ ୨ ଛାତ୍ରଙ୍କୁ ଜବରଦସ୍ତ ଟିସି ଦେଇ ବାହାର କରିବା ଘଟଣାରେ ପ୍ରଧାନ ଶିକ୍ଷକ ରାଖାଲ ମହାନ୍ତଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପରିଚାଳନାରେ ତ୍ରୁଟି ଓ ଦାୟିତ୍ୱହୀନତାକୁ ନେଇ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷରେ ବିଦ୍ୟାଳୟରୁ ବହିଷ୍କୃତ ୨ ଛାତ୍ରଙ୍କ ସମେତ ପରିବାର ଲୋକେ ମାନସିକ ଚାପରେ ଅଛନ୍ତି। ସେମାନଙ୍କ ଭବିଷ୍ୟତକୁ ନେଇ ପରିବାର ଲୋକେ ଚିନ୍ତାରେ ପଡ଼ିଛନ୍ତି। ନ୍ୟାୟ ନ ମିଳିଲେ ଆଇନର ଆଶ୍ରୟ ନେବେ ବୋଲି ଅଭିଭାବକ ଲକ୍ଷ୍ମୀଧର ମୁର୍ମୁ କହିଛନ୍ତି ।

ସୂଚନାଯୋଗ୍ୟ, ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୯୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୧୧୮ଜଣ ଅନ୍ତେବାସୀଙ୍କୁ ନେଇ ହଷ୍ଟେଲ ପରିଚାଳନା କରାଯାଉଛି। ସେଥିମଧ୍ୟରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା(ଆଇଟିଡିଏ) ପକ୍ଷରୁ ୪୦ ଅନ୍ତେବାସୀଙ୍କ ନିମନ୍ତେ ସରକାରୀସ୍ତରରେ ମାସକୁ ମାସ ଅର୍ଥ ପ୍ରଦାନ କରାଯାଉଛି। ଅବଶିଷ୍ଟ ୭୮ଜଣ ଅନ୍ତେବାସୀଙ୍କୁ ନେଇ ଗଣଶିକ୍ଷା ବିଭାଗର ସରକାରୀ ସ୍ୱୀକୃତିପ୍ରାପ୍ତ ହଷ୍ଟେଲ ପରିଚାଳନା କରାଯାଉଛି। ଏହି ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ଅନୁଦାନ ବର୍ଷ ଶେଷରେ ପ୍ରଦାନ କରାଯାଇଥାଏ। ଉକ୍ତ ହଷ୍ଟେଲରେ ଲକ୍ଷ୍ମୀଧରଙ୍କ ୨ ପୁଅ ଚୈତନ୍ୟ ୬ଷ୍ଠ ଓ କୃପାସିନ୍ଧୁ ୮ମ ଶ୍ରେଣୀରେ ପାଠ ପଢୁଥିଲେ। ସ୍କୁଲରେ ଥିବା ହଷ୍ଟେଲର ଟ୍ୟୁଶନ ଫି' ବାବଦରେ ମାସକୁ ୧ ହଜାର ଲେଖାଏ ପ୍ରତି ମାସରେ ୨ ହଜାର ଟଙ୍କା ପ୍ରଦାନ କରୁଥିଲେ। ତେବେ ଅକ୍ଟୋବର ମାସରେ ଅର୍ଥାଭାବ କାରଣରୁ ମାସକର ଟ୍ୟୁଶନ ଫି ଦେବାରେ ବିଳମ୍ବ ହେବାରୁ ସ୍କୁଲ କର୍ତ୍ତୃପକ୍ଷ ୨ ଛାତ୍ରଙ୍କୁ ଟିସି ଦେଇ ବିଦ୍ୟାଳୟରୁ ବାହାର କରିଦେଇଥିଲେ। ଏଭଳି ଏକ ସ୍ପର୍ଶକାତର ଘଟଣାକୁ ନେଇ ପରିବାର ଲୋକେ ମାନସିକ ଦୁଶ୍ଚିନ୍ତାରେ ଦିନ କାଟୁଛନ୍ତି । ଖବର ପ୍ରଚାରିତ ହେବା ପରେ ସ୍କୁଲ କର୍ତ୍ତୃପକ୍ଷ ୨ ଛାତ୍ରଙ୍କ ଘରକୁ ଯାଇ ପୁନର୍ବାର ଆଡମିଶନ କରିବାକୁ କହିଥିଲେ। ଲଜ୍ଜା ଅପମାନ ପାଇଥିବା ଛାତ୍ରମାନେ ଉକ୍ତ ସ୍କୁଲରେ ଆଉ ପାଠ ପଢ଼ିବେ ନାହିଁ ବୋଲି କହିଥିଲେ। ଅର୍ଥାଭାବରୁ ଛାତ୍ର ଦ୍ୱୟଙ୍କ ପାଠପଢ଼ାରେ ଡୋରି ବନ୍ଧାହେବା ନେଇ ଲକ୍ଷ୍ମୀଧର ପ୍ରକାଶ କରିଛନ୍ତି। ସରକାରଙ୍କ ଯୋଜନାରେ ବହୁ କୋଟି ଟଙ୍କା ଆଦିବାସୀ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ବ୍ୟୟବରାଦ କରାଯାଉଛି। ମାତ୍ର ସଚେତନତା ଅଭାବରୁ ଅନେକ ଅଭିଭାବକ ଏଥିରୁ ବଞ୍ଚିତ ହୋଇ ଆର୍ଥିକ ବୋଝ ମୁଣ୍ଡାଇ ଚାଲିଛନ୍ତି । ଏଭଳି ପରିସ୍ଥିତିରେ ବିଭାଗୀୟ ଅଧିକାରୀମାନଙ୍କ ପକ୍ଷରୁ ଉପଯୁକ୍ତ ବ୍ୟବସ୍ଥା କରାଯାଇ ୨ ଛାତ୍ରଙ୍କୁ ସ୍କୁଲରେ ଆଡମିଶନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ବ୍ଲକ୍ ଶିକ୍ଷାଧିକାରୀ ସ୍କୁଲ ପରିଦର୍ଶନରେ ଯାଇ ତଦନ୍ତ କରୁଛନ୍ତି। ବୁଝାଶୁଝା କରିବା ପରେ ମଧ୍ୟ ଅଭିଭାବକ ତାଙ୍କ ପିଲାମାନଙ୍କୁ ଉକ୍ତ ସ୍କୁଲରେ ଛାଡ଼ିବାକୁ ରାଜି ହେଉନାହାନ୍ତି। ଗାଁ ସ୍କୁଲରେ ପାଠ ପଢ଼ିବେ ବୋଲି ଅଭିଭାବକ ଜିଦ୍‌ରେ ଅଟଳ ରହିଛନ୍ତି। ତେବେ ପ୍ରଧାନ ଶିକ୍ଷକଙ୍କ ତ୍ରୁଟି ପାଇଁ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ସେ କହିଛନ୍ତି।

## କାଠ ବୋଝେଇ ଗାଡ଼ି ଜବତ

ମୋରଡ଼ା,୧୨।୧୧(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରୁ ବନ ବିଭାଗ ଏକ ବେଆଇନ କାଠ ବୋଝେଇ ପିକଅପ୍ ଭ୍ୟାନ ଜବତ କରିଛି। ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୧ଟା ସମୟରେ ରେଞ୍ଜ ଅଧୀନ ନାକିଚୁଆ ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ପୋଡ଼ାପୋଡ଼ାରୁ ଏକ ପିକଅପ ଭ୍ୟାନ୍‌ରେ ଶାଳ ଲଗ ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ଖବର ପାଇ ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂଙ୍କ ସମେତ ଫରେଷ୍ଟଗାର୍ଡ ଛତିଶ ମହାନ୍ତ, ଚିତ୍ତରଞ୍ଜନ ଜେନା, ଅଶୋକ ନାଏକ ପୋଡାପୋଡା ନିକଟରେ ପହଞ୍ଚି ଉକ୍ତ ପିକଅପ୍ ଭ୍ୟାନ୍ ଜବତ କରିଥିଲେ। ଘଟଣାସ୍ଥଳରୁ ପିକଅପ୍ ଭ୍ୟାନ ଡ୍ରାଇଭର ଫେରାର ହୋଇଯାଇଥିବା ରେଞ୍ଜର ସିଂ କହିଛନ୍ତି। ଜବତ ଶାଳ କାଠର ମୂଲ୍ୟ ୬୫୦୦୦ ଟଙ୍କା ହେବ ବୋଲି ସୂଚନା ମିଳିଛି।

